ସାପ୍ତାହିକ
Postal Regd. No.: SBP/14/2025-2027
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 24 | 15 - 21 June 2025 | Sambalpur | Pages- 8 | Invitation Price Rs.10

ଧନୁପାଲି ରଥଯାତ୍ରାର ଛେରାପହଁରା କରିବେ ବିପିନ ନନ୍ଦ

ସମ୍ବଲପୁର : ଚଳିତ ବର୍ଷ ଧନୁପାଲି ରଥଯାତ୍ରା ଉତ୍ସବରେ ଗୋବିନ୍ଦତୋଲା ନିବାସୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ପୂର୍ବତନ ସଂଘଚାଳକ ବିପିନ ବିହାରୀ ନନ୍ଦ ଛେରା ପହଁରା ନୀତି ସମ୍ପାଦନ କରିବେ । ଏ ବାବଦରେ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଇତି ମଧ୍ୟରେ କମିଟିର ସମସ୍ତ କାର୍ଯ୍ୟକାରୀ ସଦସ୍ୟ, ମନ୍ଦିର ପୂଜକ ଓ ପଣ୍ଡିତମାନେ ଗଜପତି ବରଣ ପାଇଁ ଶ୍ରୀ ନନ୍ଦଙ୍କ ଘରକୁ ଘଣ୍ଟ, ଶଙ୍ଖ ନାଦ ଓ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣ ସହ ଯାତ୍ରା କରିଥିଲେ । ସେଠାରେ ପହଞ୍ଚି ତାଙ୍କୁ ଧନୁପାଲି ସ୍ଥିତ ଶ୍ରୀ ଶ୍ରୀ ଗୋପାଳଜୀ ମହାପ୍ରଭୁଙ୍କ ରଥଯାତ୍ରା ଉତ୍ସବରେ ଗଜପତି ଭାବେ ସେବାକାର୍ଯ୍ୟ ତୁଲାଇବାକୁ ଅନୁରୋଧ କରିଥିଲେ । ଏହାକୁ ଶ୍ରୀ ନନ୍ଦ ସ୍ୱୀକାର କରିବାପରେ ମନ୍ଦିର ପୂଜକ ମଙ୍ଗଳାଚରଣ କରିଥିଲେ ଏବଂ ପଣ୍ଡିତ ମନମୋହନ ପାଣିଗ୍ରାହୀ ଓ ପଣ୍ଡିତ ସୁବ୍ରତ ପୁରୋହିତ ଗଜପତି ବରଣ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ କମିଟିର ମୁଖ୍ୟ ସଂଯୋଜକ ଶରତ ଚନ୍ଦ୍ର ପାଢ଼ୀ, ସଭାପତି ବିଦେଶୀ ସାନବଡ଼, କାର୍ଯ୍ୟକାରୀ ସଭାପତି ଦେବାଶିଷ ପୁରୋହିତ, ଉପସଭାପତି ସୌରଭ ରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ଚୈତନ୍ୟ ନାୟକ, ଉପଦେଷ୍ଟା ବିଷ୍ଣୁ ଗୁରୁ, ରାମ ନାୟକ, ସନ୍ତୋଷ ଗୁରୁ, ନେପାଳ ମିଶ୍ର, ଗଜେନ୍ଦ୍ର ପୂଝାରୀ, ବିପିନ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଭାରତରେ ବଢୁଛି ଆୟୁ, କମୁଛି ଜନ୍ମହାର

ନୂଆଦିଲ୍ଲୀ: ଭାରତର ଜନସଂଖ୍ୟା ୧୪୬ କୋଟିକୁ ବୃଦ୍ଧି ପାଇଥିବା ନେଇ ଜାତିସଂଘ ପକ୍ଷରୁ ଆକଳନ କରାଯାଇଛି । ଜାତିସଂଘର ଜନସଂଖ୍ୟା ରିପୋର୍ଟ ଅନୁଯାୟୀ ଭାରତର ଜନସଂଖ୍ୟା ବିଶ୍ୱର ଅନ୍ୟ ଦେଶର ଜନସଂଖ୍ୟା ଠାରୁ ସବୁଠାରୁ ଅଧିକ । ରିପୋର୍ଟ ଅନୁଯାୟୀ ୨୦୨୫ରେ ଭାରତ ମୋଟ ଜନସଂଖ୍ୟା ୧୪୬ କୋଟି ୩୯ ଲକ୍ଷ । ଏହା ଜାତିସଂଘର ଏକ ଆକଳନ । କାରଣ ୨୦୧୧ ପରଠାରୁ ଭାରତରେ ଜନଗଣନା କରାଯାଇ ନାହିଁ । ଜାତିସଂଘର ରିପୋର୍ଟ ଅନୁଯାୟୀ ଭାରତରେ ଜନ୍ମ ହାର ହ୍ରାସ ପାଉଛି । ଭାରତର ପ୍ରତି ମହିଳାଙ୍କ ସନ୍ତାନ ଜନ୍ମ ହାର (ଟୋଟାଲ ଫର୍ଟିଲିଟି ରେଟ୍) ବା ଟିଏଫଆର ୨୧ ରହିଥିବା ବେଳେ ଏହା ୧.୯ କୁ ହ୍ରାସ ପାଇଛି । ଟିଏଫଆର ହ୍ରାସ ପାଇବା ଅର୍ଥ ଦେଶର ଜନସଂଖ୍ୟା ହ୍ରାସ ପାଉଛି । ଭାରତର ଲକ୍ଷ ଲକ୍ଷ ଲୋକ ଟିଏଫଆର୍ ଲକ୍ଷ୍ୟ ହାସଲ ନେଇ ଅଜ୍ଞ ଅଛନ୍ତି । ଏହା ଦେଶ ପାଇଁ ଏକ ବଡ ସଂକଟ ବୋଲି ବିବେଚନା କରାଯାଉଛି । ଲୋକସଂଖ୍ୟା ବୃଦ୍ଧି ଭଳି ଲୋକସଂଖ୍ୟା ହ୍ରାସ ମଧ୍ୟ ଦେଶ ପାଇଁ ବଡ ବିପଦ । ଜନ୍ମ ହାର ହ୍ରାସ ସତ୍ତ୍ୱେ ଲୋକସଂଖ୍ୟା ବୃଦ୍ଧି ପାଉଛି । କାରଣ ଲୋକଙ୍କ ଜୀବନ ଅବଧି ବଢିବାରେ ଲାଗିଛି । ଭାରତ ଜନସଂଖ୍ୟା ୧୭୦ କୋଟିରେ ପହଞ୍ଚିବା ପରେ ଏହା ହ୍ରାସ ପାଇବା ଆରମ୍ଭ ହେବ । ଏଥିପାଇଁ ଆହୁରି ୪୦ବର୍ଷ ଅପେକ୍ଷା କରିବାକୁ ପଡିବ ।

ଗୋଟିଏ ଦେଶର ଜନସଂଖ୍ୟାର ସଂଯୋଜନା, ଜନ୍ମହାର, ଲୋକଙ୍କ ଜୀବନ ଅବଧି ଗୁରୁତ୍ୱପୂର୍ଣ୍ଣ ବିଷୟ । ଜନସଂଖ୍ୟାର ସଂଯୋଜନା କହିଲେ ଲୋକଙ୍କ ମଧ୍ୟରେ କେତେ ସଂଖ୍ୟାରେ ପୁରୁଷ ଓ ମହିଳା ଅଛନ୍ତି । ସେମାନଙ୍କ ମଧ୍ୟରେ କେତେ ଶିଶୁ, ଯୁବକ ଓ ବୟସ୍କ ଅଛନ୍ତି ତାହା ବିଚାର କରାଯିବା ଦରକାର । ସେହିପରି ଦେଶରେ କେତେ ହାରରେ ସନ୍ତାନ ଜନ୍ମ ହେଉଛନ୍ତି । ଲୋକଙ୍କ ଜୀବନ ଧାରଣ ଅବଧି କେତେ ଇତ୍ୟାଦିକୁ ବିଚାର କରାଯାଇଥାଏ । ଭାରତର ଜନସଂଖ୍ୟାକୁ ସ୍ଥିର ରଖିବା ଲାଗି ପ୍ରତ୍ୟେକ ମହିଳାଙ୍କ ଜନ୍ମ ହାର (ଟିଏଫଆର୍) ୨.୧ ଧାର୍ଯ୍ୟ କରାଯାଇଛି । ମାତ୍ର ୨୦୨୫ରେ ଭାରତୀୟ ମହିଳାଙ୍କ ଟିଏଫଆର ୧.୯କୁ ହ୍ରାସ ପାଇଛି । ଜନ୍ମ ହାର ହ୍ରାସ ସତ୍ତ୍ୱେ ଭାରତରେ ଯୁବକଙ୍କ ସଂଖ୍ୟା ଅଧିକ ରହିଛି । ଭାରତର ମୋଟ ଜନସଂଖ୍ୟାର ୨୪%ଙ୍କ ବୟସ ହେଉଛି ଠାରୁ ୧୪ ବର୍ଷ । ୧୭%ଙ୍କ ବୟସ ୧୦ରୁ ୧୯ ବର୍ଷ । ୨୬%ଙ୍କ ବୟସ ୧୦ରୁ ୨୪ବର୍ଷ । ଦେଶର ୬୮% ଲୋକଙ୍କ ବୟସ ୧୫ରୁ ୬୪ବର୍ଷ । ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ନାଗରିକଙ୍କ ସଂଖ୍ୟା ମାତ୍ର ୭% । ଭାରତୀୟ ପୁରୁଷଙ୍କ ହାରାହାରି ଜୀବନ କାଳ ୭୧ ବର୍ଷ ରହିଥିବାବେଳେ ମହିଳାଙ୍କ ୭ ବର୍ଷ ରହିଛି । ୧୯୬୦ରେ ଭାରତର ଜନସଂଖ୍ୟା ୪୩କୋଟି ୬୦ଲକ୍ଷ ରହିଥିଲା । ସେତେବେଳେ ଜଣେ ମହିଳା ହାରାହାରି ୬ଟି ସନ୍ତାନ ଜନ୍ମ ଦେଉଥିଲେ । ସେତେବେଳେ ୪ଜଣରେ ଜଣେ ମହିଳା ଗର୍ଭପାତ କରୁଥିଲେ । ସେତେବେଳେ ପ୍ରତି ଦୁଇ ଜଣରେ ଜଣେ ମହିଳା ପ୍ରାଥମିକ ଶିକ୍ଷା ଲାଭ କରୁଥିଲେ । ମାତ୍ର ବର୍ତ୍ତମାନ ସମୟରେ ମହିଳା ଶିକ୍ଷା ଗ୍ରହଣ ହାର ବୃଦ୍ଧି ପାଇବା ସହିତ ଦେଶରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆସିଛି । ଅଧିକ ସଂଖ୍ୟକ ମହିଳା ସନ୍ତାନ ଜନ୍ମ ଦେବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଏବେ ପ୍ରତି ମହିଳାଙ୍କ ହାରାହାରି ୨ଟି ସନ୍ତାନ ଅଛନ୍ତି ।

ସାପ୍ତାହିକ
ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୮ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 24 | 15 - 21 June 2025 | Sambalpur | Pages- 8 | Invitation Price Rs.10

ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା

ସମ୍ବଲପୁର : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ା ସମ୍ବଲପୁର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶ୍ରୀମତୀ ପରିଡ଼ା ସମଲେଶ୍ୱରୀ ମନ୍ଦିର ପରିସରରେ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କରିଥିଲେ । ସେହିପରି ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ପରିସରେ ଆୟୋଜିତ 'ମା'ନାଁରେ ଗଛଟିଏ' ଅଭିଯାନରେ ସାମିଲ ହୋଇ ଉପ ମୁଖ୍ୟମନ୍ତ୍ରୀ ବୃକ୍ଷରୋପଣ କରିଥିଲେ । ଏହାଛଡ଼ା ୨୧ ନମ୍ବର ୱାର୍ଡ ଅନ୍ତର୍ଗତ ଏସ୍‌ଆର-ଆଇଟି କଲୋନୀରେ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ 'ବୟୋ ବନ୍ଦନା ଯୋଜନା'ରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ । ଏହାପରେ ସେ ବୁଦ୍ଧିଜୀବୀ ସମାବେଶରେ ଯୋଗଦେଇ ଗତ ୧୧ ବର୍ଷର କେନ୍ଦ୍ର ସରକାର ଏବଂ ଏକ ବର୍ଷର ରାଜ୍ୟ ସରକାରର ସଫଳତା ବାବଦରେ ସୂଚନା ଦେଇଥିଲେ । ପ୍ରଫୁଲ୍ଲ ହୋତାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଡକ୍ଟର ଶ୍ୟାମ ସୁନ୍ଦର ଧର, ପରେଶ ଚନ୍ଦ୍ର ଦାନୀ ପ୍ରମୁଖ ସମ୍ବଲପୁରର ବିଭିନ୍ନ ସମସ୍ୟା ବାବଦରେ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ଶ୍ରୀମତୀ ପରିଡ଼ା, ନାଉରୀ ନାୟକଙ୍କ ସହ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡତିଆ, ଭଟଲି ବିଧାୟକ ଈରାଶିଷ ଆଚାର୍ଯ୍ୟ ଏବଂ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବଲ୍ଲିଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ ।

ଝାରସୁଗୁଡ଼ା ପୁଲିସ୍ ପକ୍ଷରୁ ରେକର୍ଡ ସଂଖ୍ୟକ ରକ୍ତ ସଂଗ୍ରହ

ଝାରସୁଗୁଡ଼ା : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଝାରସୁଗୁଡ଼ା ପୁଲିସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ସହରର ମଙ୍ଗଳବଜାର ସ୍ଥିତ ଅଡିଟୋରିୟମ ଠାରେ ଆୟୋଜିତ ହୋଇଥିଲା । ଏଥିରେ ୨ ହଜାର ୧୧୭ ୟୁନିଟ ରକ୍ତ ସଂଗ୍ରହ କରାଯାଇ ରେକର୍ଡ ସୃଷ୍ଟି ହୋଇଛି । ପୁଲିସ୍ ପକ୍ଷରୁ ରାଜ୍ୟରେ ଗୋଟିଏ ଦିବସରେ ରକ୍ତ ସଂଗ୍ରହ କ୍ଷେତ୍ରରେ ଏହା ସର୍ବାଧିକ ବୋଲି କୁହାଯାଉଛି । ଝାରସୁଗୁଡ଼ା ଏସ୍.ପି ସ୍ମିଥ ପୁରୁଷୋତ୍ତମ ପରମାରଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବହୁ ଶିଳ୍ପ ଓ ଖଣି ସଂସ୍ଥା ସମେତ ବ୍ୟବସାୟିକ ପ୍ରତିଷ୍ଠାନ, ସାମାଜିକ ଏବଂ ଗଣ ସଂଗଠନ ସାମିଲ ହୋଇଥିଲେ । ଏହି ରକ୍ତଦାନ ଶିବିରକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଥିଲେ । ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ, ପୁଲିସ୍ ଆଇଜି ହିମାଂଶୁ ଲାଲ, ଏସ୍‌ପି ସ୍ମିଥ ପୁରୁଷୋତ୍ତମ ପରମାର, ଏସ.ଡି.ପି ଓ ଡମାଶଙ୍କର ସିଂ, ମଧୁସିକ୍ତା ମିଶ୍ରଙ୍କ ଜିଲ୍ଲାର ସମସ୍ତ ଆଇ.ଆଇ.ସି ତଥା ବହୁ ପୋଲିସକର୍ମଚାରୀଉପସ୍ଥିତ ଥିଲେ ।ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ମାସରେ ବ୍ରଜରାଜନଗର ପୁଲିସ୍ ଉପ ଖଣ୍ଡରେ କରାଯାଇଥିବା ରକ୍ତଦାନ ଶିବିରରେ ୧୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ଓଡ଼ିଶା ଶାସନ
ଶ୍ରୀମନ୍ଦିର ଶାସନ

ରଜ ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କୁଳଦେବୀ ନିକୁମ୍ଭିଳା ଓ ମେଘନାଦ

ଡକ୍ଟର ପ୍ରମୋଦ କୁମାର ପଣ୍ଡା

ଲଙ୍କା ତ୍ରେତୟା ଯୁଗର ଏକ ଦ୍ୱୀପ ସାମ୍ରାଜ୍ୟ । କୁହାଯାଏ ବିଶ୍ୱକର୍ମା ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ପାଇଁ ଏହି ନଗରୀ ନିର୍ମାଣ କରିଥିଲେ । ରାବଣ ଏହାକୁ ବଳପୂର୍ବକ ଅକ୍ତିଆର କରିନେଲା । ଆତ୍ମଘୋଷିତ ରାଜା ହେଲା । ଶାସନ କରିବାକୁ ଲାଗିଲା ।

ରାବଣର ତିନି ପତ୍ନୀ ଓ ସାତ ପୁଅ । ମେଘନାଦ ଓ ଅକ୍ଷୟ କୁମାର ମନ୍ଦୋଦରୀ ଗର୍ଭ ସମ୍ଭୁତ । ମେଘନାଦ ଜ୍ୟେଷ୍ଠ । ଅକ୍ଷୟ କୁମାର କନିଷ୍ଠ । ରାବଣ ଓ ମେଘନାଦ ପ୍ରବଳ ପରାକ୍ରମୀ । ମାୟାବିଦ୍ୟା ନିପୁଣ । ପ୍ରଖର ଯୋଦ୍ଧା । ତନ୍ତ୍ରମନ୍ତ୍ର ପ୍ରବୀଣ ।

ନିକୁମ୍ଭିଳା ଲଙ୍କାର କୁଳଦେବୀ । ଦୁଷ୍ଟ ହେଲେବି ରାବଣ ନୈଷ୍ଠିକ ବ୍ରାହ୍ମଣ । ମହାଜ୍ଞାନୀ, ଚତୁର୍ବେଦଜ୍ଞାତା । ଦେବାଧିଦେବ ମହାଦେବଙ୍କ ମହାଭକ୍ତ । ମେଘନାଦ ମଧ ରାବଣ ଅପେକ୍ଷା କୌଣସି ଗୁଣରେ ଊଣା ନୁହେଁ । ଶିବଙ୍କୁ ପ୍ରସନ୍ନ କରି ପାଶୁପତାସ୍ତ୍ର ଲାଭ କରିଥିଲା । ରାବଣ ରାଜନଅର ବାହାରେ ଜଙ୍ଗଲରେ କୁଳଦେବୀ ମାଁ ନିକୁମ୍ଭିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରିଥିଲା । ପିତାପୁତ୍ର ଉଭୟେ ଥିଲେ ନିକୁମ୍ଭିଳା ଦେବୀଙ୍କ ପରମ ଭକ୍ତ । ନିତିଦିନ ସେମାନେ କୁଳଦେବୀଙ୍କ ପୂଜାର୍ଚ୍ଚନା କରୁଥିଲେ । ମାଁ ନିକୁମ୍ଭିଳା ଦେବୀଙ୍କ କୃପାରୁ ମାୟାବିଦ୍ୟାରେ ପାରଙ୍ଗମ ଥିଲେ ।

ନିକୁମ୍ଭିଳା ମାଁ ଭବାନୀଙ୍କ ଏକ ରୂପ । ପ୍ରତ୍ୟଙ୍ଗିରା, ନରସିଂହୀ ଅଥର୍ବଣ, ଭଦ୍ରକାଳୀ ଓ ସିଂହମୁଖୀ ତାଙ୍କର ଅନ୍ୟ ନାମ । ମହାଦେବୀ, ମହାଲକ୍ଷ୍ମୀ, ଚଣ୍ଡୀ, ଦୁର୍ଗା, କୈକିଶୀ ଏବଂ ଲଳିତାଙ୍କ ସହ ସମ୍ବନ୍ଧିତ ମାଁ ନିକୁମ୍ଭିଳା । ସିଂହ ତାଙ୍କର ବାହନ । ଚାରି ହାତରେ ଚାରି ଆୟୁଧ । ତ୍ରିଶୁଳ, ଡମରୁ, କାପାଳ ଓ ପାଶ । କୃଷ୍ଣବର୍ଣ୍ଣା କୃଷ୍ଣବସ୍ତ୍ର ପରିହିତା ସିଂହବାହିନୀ ତ୍ରିଶୁଳଧାରିଣୀ ନରମୁଣ୍ଡମାଳିନୀ ରୂପେ ତାଙ୍କୁ ଚିତ୍ରିତ କରାଯାଇଥାଏ । ତ୍ରିପୁରା ରହସ୍ୟାନୁସାରେ ସେ ତ୍ରିପୁର ସୁନ୍ଦରୀଙ୍କ କ୍ରୋଧର ଶୁଦ୍ଧ ଅଭିବ୍ୟକ୍ତି । ବେଦ ବର୍ଣ୍ଣନାନୁସାରେ ସେ ଅଥର୍ବଣ । ମାଁ ଭଦ୍ରକାଳୀଙ୍କ ଅନ୍ୟ ଏକ ରୂପ । ତନ୍ତ୍ରମନ୍ତ୍ରୋତ୍ପନ୍ନ ପ୍ରଭାବର ବିକର୍ଷକ । ଦେବୀ ଅଧର୍ମୀଙ୍କୁ ଦଣ୍ଡିତ କରିବା ତାଙ୍କର ଧର୍ମ । ନରସିଂହୀ ସପ୍ତମାତୃକା ମାତୃଦେବୀଙ୍କ ଅଂଶ ଅଟନ୍ତି । ଶୁମ୍ଭ ନିଶୁମ୍ଭ ବଧ ସକାଶେ ସେ ଧାରଣ କରିଥିଲେ ମହାଦେବୀ ରୂପ । କୃତ ଯୁଗର ଶେଷ ଆଡକୁ ଆଠ ଜଣ ଋଷିଙ୍କ ଏକ ସମୂହ ଅଷ୍ଟ ଲକ୍ଷ୍ମୀଙ୍କ ଅନୁଷ୍ଠାନ କରୁଥାନ୍ତି । ବିପୁଳାସୁର ନାମକ ଦୁଷ୍ଟ ରାକ୍ଷସ ତାଙ୍କ ସାଧନରେ ବାଧା ସୃଷ୍ଟି କଲା । ମାଁ ଲକ୍ଷ୍ମୀ ଅତିଶୟ କ୍ରୋଧିତ ହେଲେ । କମଳ ପୁଷ୍ପକୁ ପାଞ୍ଚଶହ ବାଷଠି ପାଖୁଡା ବିଶିଷ୍ଟ ଢାଲରେ ପରିବର୍ତ୍ତିତ କଲେ । ଋଷି ସମୂହକୁ ସୁରକ୍ଷା ଦେଲେ । ନରସିଂହୀ ରୂପ ଧରି ବିପୁଳାସୁର ବଧ କଲେ । ନରସିଂହ ବିଷ୍ଣୁଙ୍କ ଚତୁର୍ଥ ଅବତାର । ସେ ରାକ୍ଷସ ହିରଣ୍ୟକଶ୍ୟପକୁ ବଧ କରିଥିଲେ । ତାର ନକରାତ୍ମକ ଶକ୍ତିରେ ନରସିଂହ ପ୍ରଭାବିତ ହେଲେ । ଉଗ୍ର ରୂପ ଧାରଣ କରିନେଲେ । ଲଙ୍କାର କୁଳଦେବୀ ନିକୁମ୍ଭିଳାଙ୍କ ଅନ୍ୟ ଏକ ରୂପ ପ୍ରତ୍ୟଙ୍ଗିରା ନରସିଂହଙ୍କୁ ଶାନ୍ତ କରିଥିଲେ । ପ୍ରତ୍ୟଙ୍ଗିରା ପୂଜା କେବଳ ତନ୍ତ୍ର ମନ୍ତ୍ରରେ ପାରଙ୍ଗମ ଗୁରୁଙ୍କ ମାର୍ଗଦର୍ଶନରେ କରାଯାଏ । ଲୋକ କଲ୍ୟାଣ ପାଇଁ ଅମାବାସ୍ୟା ତିଥିରେ ମନ୍ଦିରମାନଙ୍କୁ ପ୍ରତ୍ୟଙ୍ଗିରା ହୋମ କରାଯାଇଥାଏ ।

ଲଙ୍କାର ପୂର୍ବପାର୍ଶ୍ୱ ଜଙ୍ଗଲରେ ନିକୁମ୍ଭିଳାଙ୍କ ଆସ୍ଥାନ । ରାବଣ ଓ ତାର ପୁତ୍ର ମେଘନାଦ ତାଙ୍କୁ ପସନ୍ନ କରି ବିଭିନ୍ନ ଅସ୍ତ୍ରଶସ୍ତ୍ର ଓ ମାୟାବୀ ଶକ୍ତି ପ୍ରାପ୍ତ । ଦେବାସୁର ଯୁଦ୍ଧରେ ମେଘନାଦ ଦେବରାଜ ଇନ୍ଦ୍ରଙ୍କୁ ପରାସ୍ତ କରି ବନ୍ଦୀ କରିଥିଲା । ତାଙ୍କରି ମୁକ୍ତି ପାଇଁ ବ୍ରହ୍ମଦେବଙ୍କୁ ଅମରତ୍ୱ ପ୍ରାପ୍ତିର ବର ମାଗିଲା । ଇନ୍ଦ୍ରଜିତ ରୂପେ ସର୍ବଜନବିଦିତ ହେବାର ଗଭୀର ଲାଳସା ପ୍ରକାଶ କଲା । ପରମ ପିତା ତାକୁ ଇନ୍ଦ୍ରଜିତ ଆଖ୍ୟା ଦେଲେ । ଅମର ବର ପ୍ରଦାନ ପ୍ରକୃତି ବିରୁଦ୍ଧ । ନିକୁମ୍ଭିଳା ଦେବୀଙ୍କୁ ପ୍ରସନ୍ନ କରିପାରିଲେ ତାକୁ ଦିବ୍ୟ ରଥର ପ୍ରାପ୍ତି ହେବ ଏବଂ ରଥାରୁଢ଼ ଥିବା ଯାଏ ସେ ଅପରାଜେୟ ରହିବାର ବରଦାନ କଲେ । ଦେବରାଜ ଇନ୍ଦ୍ରଙ୍କୁ ମେଘନାଦ କବଳରୁ ମୁକ୍ତ କଲେ ।

ଅତିକାୟ ରାବଣର ଦ୍ୱିତୀୟ ପତ୍ନୀ ଦମ୍ୟମାଳିନୀ ଗର୍ଭରୁ ଜାତ । କୁହାଯାଏ ସେ ଅସୀମ ପରାକ୍ରମଶାଳୀ । କୁମ୍ଭକର୍ଣ୍ଣ ଅପେକ୍ଷା ତାର ବଳ ବେଶୀ । ରାମ ରାବଣ ଯୁଦ୍ଧରେ ଲକ୍ଷ୍ମଣଙ୍କୁ ତାକୁ ବଧ କରିବାକୁ ବ୍ରହ୍ମଶକ୍ତି ପ୍ରୟୋଗ କରିବାକୁ ପଡିଥିଲା । ଭ୍ରାତା ଅତିକାୟର ମୃତ୍ୟୁ ପରେ ପିତାଙ୍କ ଆଦେଶରେ ମେଘନାଦ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେଲା । ଯୁଦ୍ଧକ୍ଷେତ୍ରକୁ ପ୍ରୟାଣ ପୂର୍ବରୁ ସେ କୁଳଦେବୀ ନିକୁମ୍ଭିଳାଙ୍କ ଦର୍ଶନ କରେ । ଆଶୀର୍ବାଦ ଭିକ୍ଷା କରେ । ଅଗଣିତ ବାନର ଯୋଦ୍ଧାଙ୍କୁ ମେଘନାଦ ଯୁଦ୍ଧରେ ନିପାତ କଲା । କିନ୍ତୁ ରାମ ଏବଂ ଲକ୍ଷ୍ମଣଙ୍କୁ ପରାସ୍ତ କରିବା ଏତେ ସହଜ ନ ଥିଲା । ବିଜୟ ପାଇଁ ସେ ତାଙ୍କର କୁଳଦେବୀ ମାଁ ନିକୁମ୍ଭିଳାଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଯଜ୍ଞର ଆୟୋଜନ କଲା । ଯଜ୍ଞ ସମ୍ପୂର୍ଣ୍ଣ ପଶ୍ଚାତ ତାକୁ ବିଜୟ ରଥ ପ୍ରାପ୍ତ ହୋଇଥାନ୍ତା । ବ୍ରହ୍ମାଙ୍କ ବରଦାନ ମୁତାବକ ଅପରାଜେୟ ରହିଥାନ୍ତା । ବିଜୟ ଲାଭ କରିଥାନ୍ତା ।

କିନ୍ତୁ ବିଧିର ବିଧାନ ଭିନ୍ନ । ବାନର ସେନା, ରାମଭକ୍ତ ହନୁମାନ ଓ ଲକ୍ଷ୍ମଣ ତାର ବିଜୟ ଯଜ୍ଞ ଭଙ୍ଗ କଲେ । ଲକ୍ଷ୍ମଣଙ୍କ ସହିତ ଘମାଘୋଟ ଲଢେଇ ହେଲା । ବ୍ରହ୍ମାସ୍ତ୍ର, ପାଶୁପତାସ୍ତ୍ର ଓ ନାରାୟଣାସ୍ତ୍ର ପ୍ରାପ୍ତ ମେଘନାଦ ପରାଜିତ ହେଲା । ମୃତ୍ୟୁ ବରଣ କଲା । ଲକ୍ଷ୍ମଣଙ୍କ ଚଉଦ ବର୍ଷ ବ୍ରହ୍ମଚର୍ଯ୍ୟ ପାଳନ ଏବଂ ନିଦ୍ରା ନିୟନ୍ତ୍ରଣର ସୁଫଳ ମିଳିଲା । ମାଁ ନିକୁମ୍ଭିଳାଙ୍କ ଯଜ୍ଞ ଅସମ୍ପୂର୍ଣ୍ଣ ରହିଲା । ମେଘନାଦ ବଧ ପଶ୍ଚାତ ବାଲ୍ମୀକି ରାମାୟଣରେ ନିକୁମ୍ଭିଳା ଦେବୀଙ୍କ ବର୍ଣ୍ଣନ ଦେଖିବାକୁ ମିଳେନାହ । ପୁତ୍ର ମେଘନାଦର ମୃତ୍ୟୁରେ ବ୍ୟଥିତ ନିକୁମ୍ଭଳା ଦେବୀ ରାମଙ୍କ ବାନର ସେନାକୁ ଆକ୍ରମଣ କରିଥିଲେ ବୋଲି ମତ ମିଳେ । ଦୁଃଖିତା ନିକୁମ୍ଭିଳା ଦେବୀଙ୍କୁ ଦେବଗଣ ଯୁଦ୍ଧରୁ ନିବୃତ୍ତ ରହିବାକୁ ଯାଚନା କରିବାର ଭିନ୍ନ ଏକ ମତ ମଧ ମିଳେ । ବିଧର୍ମୀ ବଳବାନ ଥିଲେବି ବପୁହୀନ ପଡ଼ିଯାଏ । ଜିତେନ୍ଦ୍ରିୟ ନହେଲେ ଇନ୍ଦ୍ରଜିତ ହେବା ନିରର୍ଥକ । ମେଘ ବିହୀନ ନାଦ ମୂଲ୍ୟହୀନ । ରାମାୟଣର ମେଘନାଦ ଚରିତ୍ର ଏହା ଶିଖାଏ । କୁଳଦେବୀ ନିକୁମ୍ଭିଳା ପୁତ୍ର ପ୍ରେମୀ ନିଶ୍ଚୟ । ଅପିତୁ ମେଘନାଦର ଗର୍ବ ତାଙ୍କୁ ପସନ୍ଦ ନଥିବ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

ଆତ୍ମବିଶ୍ୱାସ

ଜୀବନରେ ଆଗକୁ ବଢ଼ିବାର ଗୁରୁମନ୍ତ୍ର ଓ ସମ୍ବଳ ହେଉଛି ଆତ୍ମବିଶ୍ୱାସ । ଏହାର ଅଭାବରେ ସମସ୍ତ ସାଧନ ଓ ପରିସ୍ଥିତିର ଅନୁକୂଳତା ସତ୍ତ୍ୱେ ଆଗକୁ ବଢ଼ିହୁଏ ନାହିଁ । ବାସ୍ତବରେ ଆତ୍ମବିଶ୍ୱାସ ସମାନ ଅନ୍ୟ କୌଣସି ମିତ୍ର ନାହିଁ ଏବଂ ଆତ୍ମବିଶ୍ୱାସ ହିଁ ଜୀବନରେ ଉନ୍ନତି ଓ ଉତ୍କର୍ଷର ପ୍ରଥମ ଶିଢ଼ି ।

ଆତ୍ମବିଶ୍ୱାସ ହିଁ ସଫଳତାର ମୁଖ୍ୟ ରହସ୍ୟ । ଆତ୍ମବିଶ୍ୱାସର ପରିମାଣ ଯେତେ ଅଧିକ ହେବ, ଅନନ୍ତ ଜୀବନ ଓ ଅନନ୍ତ ଶକ୍ତି ସହିତ ଆମର ସମ୍ବନ୍ଧ ସେତେ ଗଭୀର ହୋଇ ଚାଲିବ । ଯେତେବେଳେ ଚାରିଆଡ଼େ ବିପତ୍ତିର କଳା ମେଘ ଘୋଟି ରହିଥିବ, ସାଗରରେ କେଉଁଠି ବି ଜୀବନ ନୌକାକୁ ଠିଆ କରାଇବାର କୂଳ ମିଳୁ ନ ଥିବ, ଭୟଙ୍କର ଝଡ଼ ଉଠୁଥିବ, ନୌକାଟିର ବୁଡ଼ିଯିବା ଭଳି ସ୍ଥିତି ଉପୁଜିଥିବ । ଏଭଳି ସ୍ଥିତିରେ ଆତ୍ମବିଶ୍ୱାସ ହିଁ ଆମକୁ ବଞ୍ଚାଇ ପାରିବ । ଏପରି ସ୍ଥିତିରେ ଆତ୍ମବିଶ୍ୱାସର ଶକ୍ତି ହିଁ ସହସ୍ର ବିପତ୍ତିର ସାମନା କରି ପଥକୁ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚାଇ ପାରେ ।

କଲମ୍ବସ ଏହି ଆତ୍ମବିଶ୍ୱାସର ସହିତ ପୃଥିବୀର ପରିକ୍ରମା କରି ଭାରତର ଆବିଷ୍କାର କରିବା ପାଇଁ ବାହାରି ପଡ଼ିଥିଲେ, ଏଡମଣ୍ଡ ହିଲାରୀ ଓ ତେନ୍‌ଜିଂ ଦୁହେଁ ଏହି ଆତ୍ମବିଶ୍ୱାସ ବଳରେ ବିଶ୍ୱର ସବୁଠାରୁ ଉଚ୍ଚ ଶିଖର ଏଭରେଷ୍ଟ ଉପରେ ବିଜୟ କେତନ ଉଡ଼ାଇଥିଲେ । ଏହି ଆତ୍ମବିଶ୍ୱାସ ଆଧାରରେ ମନୁଷ୍ୟ ଚନ୍ଦ୍ର ପୃଷ୍ଠରେ ପାଦ ରଖିଥିଲା ଏବଂ ଏହାର ଆଗକୁ ମଙ୍ଗଳରୁ ନେଇ ସୂର୍ଯ୍ୟ ଦିଗରେ ବଢ଼ି ଅନନ୍ତ ଆକାଶର ଅନ୍ୱେଷଣରେ ଅଗ୍ରସର ହେଉଛି । ସାଗରର ଅତଳ ଗଭୀରତାକୁ ସେ ଏହାରି ବଳରେ ମାପୁଛି ।

ନେପୋଲିଅନଙ୍କ ସେନା ଯେତେବେଳେ ଆଲପସ୍ ପର୍ବତକୁ ଦେଖି ଅଟକି ଯାଇଥିଲା ଏବଂ ସେନାପତିମାନଙ୍କୁ ଅନ୍ୟ କୌଣସି ମାର୍ଗ ଦେଖାଯାଉ ନ ଥିଲା, ଏଭଳି ଅଭେଦ୍ୟ ସ୍ଥିତିରେ ମଧ ନେପୋଲିଅନଙ୍କ ଅଥଳ ଆତ୍ମବିଶ୍ୱାସ ଥକିଯାଇଥିବା ସେନାର ସିପାହିମାନଙ୍କୁ କହିଲା – ବିଶ୍ୱାସ କର ଯେ ଆଗରେ ଆଲପସ୍ ହିଁ ନାହିଁ ଏବଂ ଯାହା ବି ହେଉ, ଆମକୁ ଆଲପସ୍ ପାର କରିବାକୁ ହିଁ ହେବ । ଦେଖୁ ଦେଖୁ ବିଶାଳ ପାହାଡ଼କୁ କାଟଛାଣ୍ଟ କରି ମାର୍ଗ ତିଆରି କରାଗଲା ଏବଂ ପୂରା ସେନା ତାହାକୁ ପାର କରିଗଲା ।

ଭଗବାନ ରାମ ନିଜର ଅପରାଜେୟ ଆତ୍ମବିଶ୍ୱାସ ବଳରେ ହିଁ ବନବାସର ବିପତ୍ତିଗୁଡ଼ିକୁ ସହ୍ୟ କରି ଲଙ୍କାପତି ରାବଣ ସହିତ ଲଢ଼ି ପାରିଲେ ଏବଂ ସୀତା ମାତାଙ୍କୁ ଫେରାଇ ଆଣିଲେ । ଭଗବାନ ଶ୍ରୀକୃଷ୍ଣ ଏହି ଆତ୍ମବିଶ୍ୱାସ ବଳରେ ବିଷମତାର ଅନେକ ଚକ୍ରବ୍ୟୁହକୁ ପଦେ ପଦେ ଧ୍ୱସ୍ତ କରି ରଣକ୍ଷେତ୍ରରେ ଗୀତାର ଅମର ସନ୍ଦେଶ ସହିତ ଜୀବନ ଜିଇବାର ମାର୍ଗଦର୍ଶନ ଦେଲେ ।

ବାସ୍ତବରେ ଜୀବନର ସମରରେ ନିଜ ଉପରେ ବିଶ୍ୱାସରୁ ଶୁଭାରମ୍ଭ କରିବାକୁ ହୋଇଥାଏ । ଛୋଟ ଛୋଟ ସଫଳ ପଦକ୍ଷେପର ସହିତ ଆଗକୁ ବଢ଼ିଲେ ଏହି ବିଶ୍ୱାସ ଜାଗ୍ରତ ହୋଇଥାଏ ଏବଂ ହୃଦୟ ଶକ୍ତିରେ ଭରିଯାଏ । ଏଥିପାଇଁ ଆମେ ନିଜକୁ ଭଲ ପାଇବା ଶିଖିବାକୁ ହେବ, ସ୍ୱୟଂର ସମ୍ମାନ କରିବାକୁ ହେବ । ଯଦି କେହି ସହଯୋଗ ନ କରନ୍ତି ତେବେ ଆତ୍ମବିଶ୍ୱାସ ବଳରେ ଏକାକୀ ଆଗକୁ ବଢ଼ିବାର ସାହସ କରିବାକୁ ହେବ ।

କେହି ଜଣେ ଠିକ୍ ହିଁ କହିଛନ୍ତି ଯେ ନିର୍ଜନରେ ଏକାକୀ ରହ । ନିଜର ଆଦର ନିଜେ କର ଏବଂ ତୁମ ଆତ୍ମାର ସ୍ଥିତି କ'ଣ ଦେଖ । ଯାହାର ହୃଦୟରେ ଏହି ଜ୍ଞାନ ପ୍ରକାଶିତ ହୋଇଥାଏ, ଏହି ବୋଧ ଜାଗ୍ରତ ହୋଇଥାଏ, ସେ ନିଜର ସମ୍ପୂର୍ଣ୍ଣ ଶକ୍ତିକୁ ଗୋଟିଏ କେନ୍ଦ୍ରବିନ୍ଦୁରେ ସ୍ଥିର କରି ଆଶ୍ଚର୍ଯ୍ୟଜନକ ଢଙ୍ଗରେ ଜୀବନରେ ଉତ୍କର୍ଷର ନିତ୍ୟ ନୂତନ ଶିଖରକୁ ପ୍ରାପ୍ତ କରିଥାଏ ।

ଆତ୍ମବିଶ୍ୱାସର ଅର୍ଥ ନିଜର ପରିସ୍ଥିତି ଓ ସମସ୍ୟାଗୁଡ଼ିକର ସମାଧାନ ନିଜେ ନିଜ ଭିତରେ ଖୋଜିବା । ନିଜ ମଧରେ ନିହିତ ଅନ୍ତଃଶକ୍ତିଗୁଡ଼ିକ ଉପରେ ଅଭୁତ ବିଶ୍ୱାସ କରିବା ଓ ଏଗୁଡ଼ିକ ବଳରେ ନିଜର ସଂକଳ୍ପ ସୃଷ୍ଟିର ନିର୍ମାଣରେ ଲାଗିଯିବା ।

ବାସ୍ତବରେ ଏହା ହେଉଛି ଦୃଢ଼ ଇଚ୍ଛାଶକ୍ତିର ପର୍ଯ୍ୟାୟ, ଯାହା ଜୀବନରେ ଅକ୍ଲାନ୍ତ ଶ୍ରମ ଓ ଅନୁଶାସନ ଚାହିଁଥାଏ ତଥା ଏକ ସୁନିୟୋଜିତ ରଣନୀତି ପୂର୍ବକ ଅପାର ଧୈର୍ଯ୍ୟ ଓ ଅଧବସାୟ ସହିତ ଆଗକୁ ବଢ଼ିବା ସମ୍ଭବ କରାଇଥାଏ ।

ଆତ୍ମସତ୍ତା ଉପରେ ବିଶ୍ୱାସ କରିବା ଆତ୍ମବିଶ୍ୱାସର ମୂଳ ସ୍ୱରୂପ ଅଟେ । ଏହି ଦୈବୀ ବିଶ୍ୱାସ ଆଧାରରେ ଲୋକମାନ୍ୟ ତିଳକ କହିଥିଲେ- "'ସ୍ୱରାଜ୍ୟ ଆମର ଜନ୍ମସିଦ୍ଧ ଅଧିକାର ଏବଂ ଆମେ ଏହାକୁ ଅବଶ୍ୟ ପ୍ରାପ୍ତ କରିବୁ ।'' ଏହାରି ବଳରେ ଲିଙ୍କନ କହିଥିଲେ- ''ଦାସମାନଙ୍କ ମୁକ୍ତିର କାର୍ଯ୍ୟକୁ ମୁଁ ଅବଶ୍ୟ ପୂର୍ଣ୍ଣ କରିବା ପାଇଁ ଭଗବାନଙ୍କୁ କଥା ଦେଇଛି ।'' ବାସ୍ତବରେ ଏହି ବିଶ୍ୱାସ ହିଁ ଜୀବନର ଶକ୍ତି ।

ଏହି ବିଶ୍ୱାସର ସହିତ ବ୍ୟକ୍ତି କ'ଣ କରି ନ ପାରେ । ବିଶ୍ୱାସ ଆମ ପାଇଁ ଅଥଳ ସାଗରରେ ମଧ ମାର୍ଗ ଖୋଜିନିଏ । ତାହା ଆମକୁ ଗଗନଚୁମ୍ବୀ ପର୍ବତ ଶିଖରଗୁଡ଼ିକୁ ଲଂଘିବାର ଶକ୍ତି ଓ ପ୍ରେରଣା ଦେଇଥାଏ । ବିଶ୍ୱାସ ହିଁ ଜୀବନର ସେହି ମାର୍ଗର ଅନ୍ୱେଷଣ କରିଥାଏ, ଯାହା ଆମକୁ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚାଇ ପାରିବ । ବିଶ୍ୱାସ ହିଁ ଆମର ଜୀବନ ନୌକାକୁ ଝଡ଼ର ସମୁଦ୍ର ବକ୍ଷରେ ବାହିଥାଏ । ବିଶ୍ୱାସ ପର୍ବତକୁ ଦୋହଲାଇ ଦିଏ, ବିଶାଳ ସାଗରକୁ ଲଂଘିପାରେ । ବିଶ୍ୱାସ କୌଣସି କୋମଳ ପୁଷ୍ପ ନୁହେଁ ଯେ ପବନର ଏକ ଦଲକାରେ ନଇଁଯିବ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

ଆଜିର ଚିନ୍ତନ

ସାଧାରଣ ଭାବରେ କୁହାଯାଇଥାଏ - ନଇଁ ପଡ଼ିଲେ ଲହଡ଼ି ଚାଲିଯାଏ । ଏହା ଏହି ଉଦ୍ଦେଶ୍ୟରେ କୁହାଯାଇଥାଏ ଯେ ସମୁଦ୍ରର ଉତ୍ତାଳ ଲହରୀ ଆଗରେ ମୁଣ୍ଡ ନଇଁଦେଲେ ଏହା ଉପର ଦେଇ ଚାଲିଯାଏ । ଏହି ଉକ୍ତି କେତେକ କ୍ଷେତ୍ରରେ ପ୍ରଯୁଜ୍ୟ, କିନ୍ତୁ ସବୁ କ୍ଷେତ୍ରରେ ନୁହେଁ । ବିଶେଷ କରି ବାଧା, ବିପତ୍ତି କ୍ଷେତ୍ରରେ ନଇଁ ପଡ଼ିଲେ, ଭୟଭୀତ ହୋଇ ପଳାୟନପନ୍ଥୀ ସାଜିଲେ ଏହା ଅଧିକରୁ ଅଧିକ ବିପଦକୁ ଆମନ୍ତ୍ରଣ କରି ଆଣିଥାଏ । ସାହସର ସହ ଜୀବନର ପ୍ରତିଟି କ୍ଷେତ୍ରରେ ବାଧା ବିପତ୍ତିକୁ ସାମନା କରିବା ଉଚିତ । ଜୀବନ ଅଛି ତ ଦୁଃଖ, ସମସ୍ୟା, ପ୍ରତିକୂଳ ପରିସ୍ଥିତି ଆସିବ ହିଁ ଆସିବ । ତେବେ ଏହାକୁ ସ୍ୱାଭାବିକ ପ୍ରକ୍ରିୟା ଭାବି ସାହସ ସଞ୍ଚୟ କରି, ତା'ର ସାମନା କରି ସମାଧାନ କରିବା ବିଧେୟ । ସମସ୍ୟାକୁ ଅଣଦେଖା କଲେ, ସମସ୍ୟାରେ ପଡ଼ି ଭୟଭୀତ ହେଲେ ଏହା ଆହୁରି ଜଟିଳ ହୋଇଥାଏ । ଏହାର ସମାଧାନ ନ କରି ପଳାୟନପନ୍ଥୀ ହେବା ଭୀରୁତାର ପରିଚାୟକ । ସମସ୍ୟା ଉପରେ ବିଜୟଲାଭ (ସମାଧାନ) କରିବାକୁ ହେଲେ ଏହାଠାରୁ ଦୂରେଇ ଯାଇ ନୁହେଁ, ଏହାକୁ ସାମନା କରିବା ଉଚିତ ।

ସ୍ୱାମୀ ବିବେକାନନ୍ଦଙ୍କ ଜୀବନର ଏହି ସତ୍ୟ ଘଟଣା । ବାରାଣସୀ ନଗର ବୁଲିବା ଅବସରରେ ଏହାର ଉତ୍ତର ପଶ୍ଚିମରେ ଅବସ୍ଥିତ ସାରନାଥ ଭ୍ରମଣରେ ଯାଇଥିଲେ । ତଥାଗତ ଏହିଠାରୁ ହିଁ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ଏହି ସ୍ଥାନ ନାନାବିଧ ବୌଦ୍ଧକୀର୍ତ୍ତି ବିମଣ୍ଡିତ । ଏଠାରେ ବୁଲୁଥିବା ବେଳେ ଦଳେ ବାନର ସ୍ୱାମିଜୀଙ୍କ ଉପରେ ଆକ୍ରମଣ କରିବାକୁ ଉଦ୍ୟତ ହୋଇଥିଲେ । ବୋଧହୁଏ ତାଙ୍କର ଭିନ୍ନ ପରିଧାନ ବାନରମାନଙ୍କ ଦୁଷ୍ଟ ସ୍ୱଭାବକୁ ଖୋରାକ ଯୋଗାଇଥିଲା । ସେମାନଙ୍କ ଆକ୍ରମଣରୁ ବଞ୍ଚିବା ପାଇଁ ସ୍ୱାମିଜୀ ପ୍ରାଣବିକଳରେ ଦୌଡ଼ିଥିଲେ । ବାନର ଦଳ କିନ୍ତୁ ଛାଡ଼ିବାର ନଥିଲେ । ତାଙ୍କର ପଶ୍ଚାତ୍‌ଧାବନ କରୁଥାନ୍ତି । ଦୌଡ଼ିଦୌଡ଼ି ସ୍ୱାମିଜୀ ହାଲିଆ ହୋଇପଡ଼ିଲେଣି । ଆଗକୁ ଆଗେଇବାକୁ ଅସମର୍ଥ ଥିଲାବେଳେ ହଠାତ୍ ଶ୍ରୁତିଗୋଚର ହୋଇଥିଲା ଜଣେ ସନ୍ଥଙ୍କ ଆଶ୍ୱାସନା ଭରା ଉପଦେଶ- 'ବସ୍' ! ଦୌଡ଼ନାହିଁ, ସ୍ଥିରଭାବେ ଠିଆହାଇ ସେମାନଙ୍କୁ ସାମ୍ନା କର । ବାସ୍ ! ସ୍ୱାମିଜୀ ଏବେ ଅଟକିଯାଇ ମାଙ୍କଡ଼ମାନଙ୍କୁ ତୃପ୍ତ ଭଙ୍ଗୀରେ ଅନାଇଲେ । ସେମାନେ ଆଉ ପଶ୍ଚାତଧାବନ ନ କରି ଫେରି ଯାଇଥିଲେ । ସେମାନଙ୍କ ନିଶ୍ଚିତ ଆକ୍ରମଣରୁ ବର୍ତ୍ତି ଯାଇଥିଲେ ସ୍ୱାମିଜୀ । ତାଙ୍କୁ ଜୀବନର ଗୂଢ଼ ସତ୍ୟ (ପଳାୟନପନ୍ଥୀ ହୁଅ ନାହିଁ, ବିପଦକୁ ସାହସର ସହ ସାମ୍ନା କର) ଶୁଣାଇ ନିଶ୍ଚିତ ବିପଦରୁ ଉଦ୍ଧାର କରିଥିବା ସନ୍ଥଙ୍କୁ କୃତଜ୍ଞତା ଜଣାଇଥିଲେ ଏହି ସମୟୋପଯୋଗୀ ଉପଦେଶ ପାଇଁ ।

ଶୁଭମାନ

ବର୍ଷ ୨୯, ସଂଖ୍ୟା - ୨୪, ୧୫ - ୨୧ ଜୁନ୍ ୨୦୨୫

ଦୁର୍ନୀତି ରାକ୍ଷସ

ବିଶ୍ୱରେ ଦୁର୍ନୀତି ପ୍ରାୟ କୌଣସି ଦେଶକୁ ଛାଡ଼ିନାହିଁ । ଅଳ୍ପେ ବହୁତେ ସମସ୍ତେ ଦୁର୍ନୀତିଗ୍ରସ୍ତ । ୨୦୨୨ ମସିହାରେ ପୃଥିବୀର ୧୮୦ଟି ଦେଶ ମଧ୍ୟରେ ଦୁର୍ନୀତି ତାଲିକାରେ ଭାରତ ବର୍ଷର ସ୍ଥାନ ୮୫ ଥିବା ସମୟରେ ୨୦୨୪ ମସିହାରେ ଏହା ୯୬ ତମ ସ୍ଥାନରେ ରହିଛି ଏବଂ ରାଜ୍ୟ ମାନଙ୍କ ମଧ୍ୟରୁ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ କମ୍ ଦୁର୍ନୀତିଗ୍ରସ୍ତ ରାଜ୍ୟ ବୋଲି ଉଲ୍ଲେଖ ଅଛି । ଯଦିଓ ଏହା ସନ୍ଦେହ ଘେରରେ ବୋଲି ଅନୁମାନ କରାଯାଏ । ନୀତି ଏବଂ ଦୁର୍ନୀତି ଏହି ଦୁଇଟି ଶବ୍ଦ ଭିତରୁ ଶତ ପ୍ରତିଶତ ବ୍ୟକ୍ତି ନୀତିକୁ ଶ୍ରେୟ ଦେଉଥିବା ସମୟରେ ସ୍ୱଇଚ୍ଛାରେ ବା ପରିସ୍ଥିତିରେ ପଡି ଦୁର୍ନୀତିକୁ ଆପଣେଇ ନେଇଥାନ୍ତି । ଲାଞ୍ଚ, ଅନୈତିକ ଉପାୟରେ ଉପହାର ଗ୍ରହଣ, ଡରାଇ ଧମକାଇ ଅର୍ଥ ଉପାର୍ଜନ, ସରକାରୀ କଳର ଦୁରୁପଯୋଗ, ରାଜନୈତିକ ଉଦ୍ଦେଶ୍ୟ ରଖି ଉପାର୍ଜନ, ଅର୍ଥ/ ସମ୍ପତ୍ତି/ ପ୍ରତିପତ୍ତି ଲୋଭରେ ଦୁର୍ନୀତି ସହିତ ଦେଶର ପ୍ରାୟ ୯୫ ପ୍ରତିଶତ କ୍ଷମତାସୀନ ବ୍ୟକ୍ତି ଜଡିତ । ସେହି ବ୍ୟକ୍ତି ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ହୋଇ ପାରନ୍ତି ବା ଦେଶର ସାମ୍ବିଧାନିକ ପଦ ପଦବୀରେ ନିଯୁକ୍ତି ପାଇଥା'ନ୍ତି ବା ଲୋକ ପ୍ରତିନିଧି ହୋଇ ପାରନ୍ତି । ଏମାନଙ୍କ ପାଖରେ ଦୁର୍ନୀତି ଜନିତ ଆୟ ସମୟ ସମୟରେ ଜନତାଙ୍କୁ ଆଚମ୍ବିତ କରିଦେଇଥାଏ । ଅତୀତରେ ଲୋକ ଲଜ୍ଜା ତଥା ଉପରିସ୍ଥ ହାକିମଙ୍କ ଭୟରେ ଲୁଚା ଛପାରେ ଚାଲିଥିଲା । କିନ୍ତୁ ସମୟ ବଦଳିବା ସହିତ ଏହା ଖୁଲମ୍ ଖୁଲା ଚାଲିଛି । ନାମକୁ ମାତ୍ର କେତେଜଣ ଧରା ହୋଇ କାର୍ଯ୍ୟରୁ ନିଲମ୍ବିତ ହୋଇ ନ୍ୟାୟାଳୟରୁ ଜାମିନରେ ଆସି କାର୍ଯ୍ୟରେ ଯୋଗ ଦେଇ ପୁନଶ୍ଚ ନିଜର ଦୁର୍ନୀତି ସାମ୍ରାଜ୍ୟକୁ ଚଳାଇ ଥାନ୍ତି ।

ଦୁର୍ନୀତି ନିବାରଣ ବିଭାଗ ଏହି ଦୁର୍ନୀତିକୁ ମୁଳୋତ୍ପାଟନ ପାଇଁ ଗଢା ହୋଇଥିଲେ ମଧ୍ୟ ଏହାର ସୀମିତ କ୍ଷମତା, ଲୋକ ବଳ, ସରକାରୀ ଚାପ, ଅଦାଲତରେ ଅନେକ ଦିନ ଅପରାଧୀ ମାନଙ୍କର ଫଇସଲା ନ' ହେବା ତଥା ଆନ୍ତରିକତାର ଅଭାବରୁ ଦୁର୍ନୀତିକୁ ମାତ୍ର ୨୦ ପ୍ରତିଶତ ଲୋପ କରିବାରେ ସଫଳ ହେଉଥିବାର ହୃଦବୋଧ ହୁଏ । ନିକଟ ଅତୀତରେ ଭୁବନେଶ୍ୱର ଇଡି ପରି ସରକାରୀ ସଂସ୍ଥାର ଦୁର୍ନୀତି ଖୋର ଅଧିକାରୀ ମାନେ ଦୁର୍ନୀତିକୁ ଅଟକାଇବାକୁ ଚେଷ୍ଟା କରିବା ବଦଳରେ ଅପରାଧୀକୁ ନିର୍ଦ୍ଦୋଷରେ ଛାଡି ଦେବାପାଇଁ ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ ନେବା ଏବଂ ସିବିଆଇ ଦ୍ୱାରା ଧାରା ପଡିବା ପରିତାପର ବିଷୟ। ନିକଟ ଅତୀତରେ ଦିଲ୍ଲୀ ହାଇକୋର୍ଟ ବିଚାରପତିଙ୍କ ବିଷୟ ସର୍ବ ଭାରତୀୟ ସମ୍ବାଦପତ୍ର ତଥା ଟିଭିରେ ବହୁଳ ପ୍ରଚାରିତ ହୋଇ ଥିଲା । ବାଡ଼ ଯଦି ଫସଲ ଖାଇବ ତେବେ ଆମେ କାହାକୁ ବିଶ୍ୱାସ କରିବା କିଏ ଆମର ମାର୍ଗ ଦର୍ଶକ ହେବେ ?

ପ୍ରତିଦିନ ସମ୍ବାଦପତ୍ର ତଥା ଟିଭି ସମ୍ବାଦରୁ ଜାଣିବାକୁ ମିଳୁଛି ଯେ, କୌଣସି ନା କୌଣସି ସରକାରୀ କର୍ମଚାରୀଙ୍କ ଘରେ ଦୁର୍ନୀତି ନିବାରଣ ବିଭାଗ ଚଢ଼ାଉ କରି କିଲୋ କିଲୋ ସୁନା, ରୁପା, କୋଟି କୋଟି ଟଙ୍କା, ଏକାଧକ ଫ୍ଲାଟ, ଜମି, ବିଳାସପୂର୍ଣ୍ଣ ଏକାଧିକ ମଟର ଗାଡି, ଆସବାବପତ୍ର, ଅତ୍ୟାଧୁନିକ ଜୀବନଚର୍ଯ୍ୟାର ସବୁ ସାଧନ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଜବତ ହେଉଛି । ଏଠାରେ ପ୍ରଶ୍ନ ଉଠେ, ଜାଲରେ ପଡିଥିବା ସରକାରୀ କର୍ମଚାରୀଙ୍କ ଦରମା କେତେ ? କେଉଁ ଅଫିସରେ/ଦପ୍ତରରେ କେଉଁ ଦାୟିତ୍ୱରେ କାମ କରନ୍ତି ? କେତେ ବର୍ଷ ଗୋଟିଏ ଜାଗାରେ ରହିଲେଣି ? କେଉଁ ବାଟରେ ଆୟବହିର୍ଭୁତ ସମ୍ପତ୍ତି ଠୁଳ କଲେ ? ଏହି ସବୁ ବିଷୟ ଦେଖୁ ଶୁଣି ଆମ ସରକାରୀ କର୍ମଚାରୀ ମାନଙ୍କ ସଚ୍ଚୋଟ ପଣିଆର ଅସଲ ମୁଖା ଖୋଲି ଦେଉଛି । ତା' ମାନେ ନୁହେଁ ଯେ ସବୁ କର୍ମଚାରୀ ଦୁର୍ନୀତିଗ୍ରସ୍ତ । ତେବେ ଅଧିକାଂଶ କର୍ମଚାରୀ ଆଜି ଅଳ୍ପ ବା ସୀମିତ ସତ ଉପାୟରେ ପାଉଥିବା ଦରମାରେ ଆଦୌ ସନ୍ତୁଷ୍ଟ ନୁହନ୍ତି । ସେମାନଙ୍କ ଲୋଭର ସୀମା ନାହିଁ ଆଉ ସରକାରଙ୍କ ଦୁର୍ନୀତିଖୋର କର୍ମଚାରୀଙ୍କ ବିରୁଦ୍ଧରେ ସମୟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନ' ନେବାର ପରିଣତି ସାଧାରଣ ଜନତା ଭୋଗୁଛନ୍ତି ।

ଦୁର୍ନୀତିଗ୍ରସ୍ତ ବାବୁ, ବାବୁଆଣୀଙ୍କ ଏହି ବିପୁଳ ସମ୍ପତ୍ତି ତ ଗୋଟିଏ ଦିନରେ ଠୁଳ ହୋଇନାହିଁ, ଏଥପାଇଁ ବର୍ଷ ବର୍ଷ ସମୟ ଲାଗିଛି । ନେଡ଼ିଗୁଡ଼ କହୁଣୀକୁ ବୋହିଲା ପରେ ଦୁର୍ନୀତି ନିବାରଣ ବିଭାଗ ନଜରକୁ ଆସିଲା ଆଉ ଧରପଗଡ଼ ହେଲା । କିନ୍ତୁ ତା' ଆଗରୁ କେହି କିଛି ଜାଣି ପାରିଲେ ନାହିଁ ? ଦୁର୍ନୀତିଖୋର କର୍ମଚାରୀଙ୍କ ଉପରିସ୍ଥ ଅଧିକାରୀ କ'ଣ ଧୃତରାଷ୍ଟ୍ର ଥିଲେ ନା' ବକାସୁର ପରି ନିଜ ଭାଗ ନେଇ କୁମ୍ଭକର୍ଣ୍ଣ ନିଦ୍ରା ଯାଇଥିଲେ ? ପ୍ରତି ସରକାରୀ ବିଭାଗରେ ଦୁର୍ନୀତି ନିବାରଣ ପାଇଁ କିଛି ସଚ୍ଚୋଟ ଅଫିସର ଦାୟିତ୍ୱରେ ଥା'ନ୍ତି, ସେମାନଙ୍କ ନଜର ମଧ୍ୟ ପଡ଼ିଲା ନାହିଁ କାହିଁକି ? ତାହାଛଡ଼ ବର୍ତ୍ତମାନ ଟେକ୍ନୋଲୋଜିର ଯୁଗ, ମୁଖ୍ୟମନ୍ତ୍ରୀ ତଥା ତାଙ୍କର ଅନ୍ୟ ଦାୟିତ୍ୱବାନ ବିଭାଗର ମୁଖ୍ୟ ଚାହିଁଲେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ବିଷୟରେ ୱେବ ସାଇଟ୍ ଜରିଆରେ ଜାଣି ପାରିବେ । ଆଜିକାଲି ଏ : ଆଇ ଟେକ୍ନୋଲୋଜି ଦ୍ୱାରା କ'ଣ ଅପରାଧ ନିୟନ୍ତ୍ରଣ କରି ହେବନାହିଁ ? ପ୍ରତିବର୍ଷ ପୃଥିବୀରେ ଦୁର୍ନୀତି ରାକ୍ଷସ ତା'ର କାୟା ମେଲାଇ ଚାଲିଛି ଯଦି ତୃଣମୂଳରୁ ଏହାକୁ ନିପାତ ନ'କରିବା ତେବେ ଆମେ ନିଜ ଗୋଡ଼କୁ ନିଜେ କୁରାଢ଼ୀ ମାରିବା ଅବସ୍ଥା ହେବ । ଦେଶର ଅର୍ଥନୀତିକୁ ଉଇ ପରି ଚରି ଯାଉଥିବା ଏପରି ଗୋଷ୍ଠୀଙ୍କୁ ଦୃଢ ହସ୍ତରେ ଦମନ କରାଯିବାର ସମୟ ଉପନୀତ । ତେବେ ବିଲେଇ ବେକରେ କିଏ ଘଣ୍ଟି ବାନ୍ଧିବ ?

ସମାଜବାଦ

ମହାତ୍ମା ଗାନ୍ଧୀ



ମୁଁ ସମ୍ପୂର୍ଣ୍ଣଭାବରେ ଏହି କଥାଟି ସହିତ ଏକମତ ହେବି ଯେ, ଯେଉଁ ଯୋଜନା କୌଣସି ଦେଶର କଞ୍ଚାମାଲଗୁଡିକୁ ଉତ୍ପାଦନରେ ଲଗାଏ ଓ ପ୍ରଚ୍ଛନ୍ନ ହୋଇ ରହିଥିବା ଶକ୍ତିଶାଳୀ ମନୁଷ୍ୟଶକ୍ତିକୁ ଅବହେଳା କରେ, ତାହା ହେଉଛି ଏକତରଫା ଯୋଜନା ଏବଂ ସେହି ଯୋଜନାଦ୍ୱାରା ମନୁଷ୍ୟମାନଙ୍କ ଭିତରେ କଦାପି ସମାନତାର ପ୍ରତିଷ୍ଠା ହୋଇ ପାରିବ ନାହିଁ ।

ଭାରତବର୍ଷର ସମଗ୍ର ମନୁଷ୍ୟ ଶକ୍ତିର ପ୍ରକୃଷ୍ଟତମ ବ୍ୟବହାର ହୋଇପାରିବ ଏବଂ ଦେଶର ଅଗଣିତ ଗ୍ରାମଗୁଡିକରେ ଯେଉଁ କଞ୍ଚାମାଲ ଉତ୍ପନ୍ନ ହେଉଛି, ତାହାକୁ ବାହାରକୁ ପଠାଇ ଆକାଶଛୁଆଁ ମୂଲ୍ୟରେ ପୁଣି ବାହାରର ଦ୍ରବ୍ୟଗୁଡିକୁ କ୍ରୟ ନକରି ସେଗୁଡିକୁ ଗ୍ରାମରେ ହିଁ ବିତରଣ କରି ଦିଆଯିବ, ମୁଁ ତାହାକୁ ହିଁ ଯଥାର୍ଥ ଯୋଜନା ବୋଲି କହିବି ।

ସବୁ ଜମି ଯଦି ଗୋପାଳଙ୍କର, ତେବେ ଆମେ ମଝିରେ ହିଡ଼ ପୁଣି କେଉଁଠାରେ ବସାଇବା ? ମଣିଷ ସ୍ୱୟଂ ସେହିସବୁ ହିଡ଼ ବସାଇଛି ଏବଂ ତେଣୁ ସେ ଇଚ୍ଛା କଲେ ସେଗୁଡିକୁ ଉଠାଇଦେଇ ପାରିବ । ଆମର ଯେଉଁ ପୂର୍ବପୁରୁଷମାନେ ଆମକୁ ଏହା ଶିଖାଇଥିଲେ, ସେହିମାନେ ହିଁ ଆମଲାଗି ଯଥାର୍ଥ ସମାଜବାଦର ଆଦର୍ଶକୁ ରଖି ଯାଇଛନ୍ତି । ଗୋପାଳନ ଆକ୍ଷରିକ ଅର୍ଥ ହେଉଛି ଗାଈଜଗୁଆଳ ଗୋପାଳ କହିଲେ ଭଗବାନଙ୍କୁ ମଧ୍ୟ ବୁଝାଇଥାଏ । ଆଧୁନିକ ଭାଷାରେ ଏହା ରାଷ୍ଟ୍ର ଅର୍ଥାତ୍ ଜନଗଣଙ୍କୁ ବୁଝାଇବ । ବର୍ତ୍ତମାନ ଯେ ଏହି ଜମି ଆଦୌ ଜନଗଣଙ୍କ ହାତରେ ନାହିଁ, ଏହା ହେଉଛି ନିରାଟ ସତ କଥା । ମାତ୍ର ଆମେ ସେଥିପାଇଁ ଉକ୍ତ ଶିକ୍ଷାଟିକୁ କଦାପି ଦାୟୀ କରି ପାରିବା ନାହିଁ । ଆମେ ସେହି ଶିକ୍ଷା ଅନୁସାରେ ଜୀବନ ବଞ୍ଚୁନାହୁଁ, ଦୋଷ ହେଉଛି ଆମରି ।

ମୋ' ମନରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ରୁଷିଆ ସମେତ ଯେ କୌଣସି ଜାତି ସମାଜବାଦ ବିଷୟରେ ଯେପରି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ରଖି ପାରିବେ, ଆମେ ମଧ୍ୟ ଠିକ୍ ସେହିପରି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ରଖିପାରିବା । ତାହା ମଧ୍ୟରେ ହିଂସାଲାଗି ଆଦୌ କୌଣସି ସ୍ଥାନ ନଥିବ ।

ସମ୍ମାନର ସହିତ ଖାଇପିଇ ବଞ୍ଚିବା ଲାଗି ଜଣେ ଲୋକ ପାଖରେ ଯେତିକି ଜମି ରହିବା ଆବଶ୍ୟକ, ତା' ପାଖରେ ତା' ଠାରୁ ଅଧିକା ଜମି ରହିବା ଆଦୌ ଉଚିତ ନୁହେଁ । ନିଜର ବୋଲି କହିବାଲାଗି ଲୋକମାନଙ୍କ ପାଖରେ କୌଣସି ଜମି ନାହିଁ ବୋଲି ଯେ ସେମାନେ ଉତ୍କଟ ଦାରିଦ୍ର୍ୟଦ୍ୱାରା ପେଷି ହେଉଛନ୍ତି, ସେହି ସତ୍ୟଟିକୁ କିଏ ଅସ୍ୱୀକାର କରିପାରିବ ।

ଅତ୍ୟନ୍ତ ସହାନୁଭୂତି ସହିତ ମୁଁ ପାଶ୍ଚାତ୍ୟ ସମାଜବ୍ୟବସ୍ଥାର ଅଧ୍ୟୟନ କରି ଆସିଛି ଏବଂ ଏହି ସତ୍ୟଟିକୁ ଆବିଷ୍କାର କରିଛି ଯେ, ପାଶ୍ଚାତ୍ୟ ଜଗତର ଆତ୍ମାକୁ ଯେଉଁ ଜ୍ୱର ଉତ୍ତପ୍ତ କରି ରଖୁଛି, ତାହାର ତଳେ ସତ୍ୟଲାଗି ଏକ ଅଶାନ୍ତ ଅନ୍ୱେଷଣ ପ୍ରଚ୍ଛନ୍ନ ହୋଇ ରହିଛି । ମୁଁ ସେହି ଭାବର ଅବଶ୍ୟ ପ୍ରଶଂସା କରିବି । ଠିକ୍ ସେହିପରି ଏକ ବୈଜ୍ଞାନିକ ଅନ୍ୱେଷଣର ମନୋଭାବ ନେଇ ପ୍ରାଚ୍ୟ ପୃଥିବୀର ଅନୁଷ୍ଠାନଗୁଡିକର ଅଧ୍ୟୟନ କରିବା ଏବଂ ତେବେ, ଏ ପର୍ଯ୍ୟନ୍ତ ପୃଥିବୀ ଯେତିକି ଯାଏ ସ୍ୱପ୍ନ ଦେଖୁଛି, ଆମେ ତାହାଠାରୁ ଏକ ଯଥାର୍ଥତାର ସମାଜବାଦ ତଥା ଯଥାର୍ଥରେ ସାମ୍ୟବାଦର ଆବିଷ୍କାର କରିପାରିବା । ପାଶ୍ଚତ୍ୟ ଜଗତର ସମାଜବାଦ ଅଥବା ସାମ୍ୟବାଦ ଯେ ବିଶ୍ୱ ଦାରିଦ୍ର୍ୟ ବିଷୟରେ ଶେଷ କଥାଟିକୁ କହି ସାରିଛି, ସେପରି ଭାବିବାକୁ ଅବଶ୍ୟ ଏକ ଭୁଲ ଅନୁମାନ ବୋଲି କୁହାଯିବ ।

ପୁଞ୍ଜିବାଦୀମାନେ ଯେ ପୁଞ୍ଜିର ଅସଦବ୍ୟବହାର କଲେ ସେହି ସତ୍ୟଟିକୁ ଆବିଷ୍କାର କରି କଦାପି ସମାଜବାଦ ଜନ୍ମ ନେଇ ନ ଥିଲା । ମୁଁ ଯେପରି ଯୁକ୍ତି ଦର୍ଶାଇ ଆସିଛି, ଈଶୋପନିଷଦର ସର୍ବପ୍ରଥମ ଶ୍ଳୋକରେ ହିଁ ସମାଜବାଦ ଓ ଏପରିକି ସାମ୍ୟବାଦର ସତ୍ୟଟି ଅତ୍ୟନ୍ତ ସ୍ପଷ୍ଟ ଭାବରେ ବ୍ୟକ୍ତ ହୋଇ ପାରିଛି । ସତ କଥାଟି ହେଉଛି ଯେତେବେଳେ କେତେକ ସଂସ୍କାରକ ଆପଣା ଧର୍ମଦୀକ୍ଷାର ପ୍ରଣାଳୀଗଡିକ ଉପରେ ବିଶ୍ୱାସ ହରାଇ ବସିଲେ, ସେତିକିବେଳେ ହିଁ ଆଜି ଯାହାକୁ ବୈଜ୍ଞାନିକ ସମାଜବାଦ ବୋଲି କୁହାଯାଉଛି, ତାହାର ଟେକନିକଗୁଡିକର ଜନ୍ମଲାଭ କରିଥିଲା । ବର୍ତ୍ତମାନ ବୈଜ୍ଞାନିକ ସମାଜବାଦୀମାନେ ସମ୍ମୁଖୀନ ହେଉଥିବା ସେହି ସମସ୍ୟାଟିର ସମାଧାନ ନିମନ୍ତେ ହିଁ ମୁଁ ତତ୍ପର ହୋଇ ରହିଛି ।

ଅବଶ୍ୟ ଏକଥା ସତ ଯେ ସମାଜବାଦ ବିଷୟରେ ମୋ'ର ଯାବତୀୟ ଚିନ୍ତା ସହିତ ସର୍ବଦା ଅବିମିଶ୍ରିତ ଅହିଂସା ସଂଯୁକ୍ତ ହୋଇ ରହିଛି, ତାହା ହିଁ ମୋ' ପାଇଁ ଯାବତୀୟ ସମାଜବାଦର ମାଧ୍ୟମ ହେବ । ମୁଁ ଏଥିରେ ବିଫଳ ହୋଇ ଯାଇପାରେ । ଯଦି ତାହା ହିଁ ହୁଏ, ତେବେ ଅହିଂସାର କୌଣସି ବିଷୟରେ ମୋ'ର ଅଜ୍ଞାନତା ହେତୁ ହିଁ ତାହା ହେବ । ମୁଁ ସେହି ନୀତିର ଜଣେ ଅକୁଶଳ ବ୍ୟାଖ୍ୟାକାର ହୋଇପାରେ, ମାତ୍ର ତାହା ଉପରେ ରହିଥିବା ମୋ'ର ବିଶ୍ୱାସ ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି ।

ମୁଁ ଦାବି କରି ଆସିଛି ଯେ, ମୋ'ର ପରିଚିତ ସମାଜବାଦୀମାନେ ସେମାନଙ୍କର ସେହି ଆଦର୍ଶଟିକୁ ଘୋଷଣା କରିବାର ବହୁ ପୂର୍ବରୁ ମୁଁ ଜଣେ ସମାଜବାଦୀ ହୋଇ ସାରିଥିଲି । ମାତ୍ର, ମୋ'ର ସମାଜବାଦ ଅତି ସ୍ୱାଭାବିକଭାବରେ ମୋତେ ପ୍ରାପ୍ତ ହୋଇଥିଲା ଓ ଆଦୌ କୌଣସି ଗ୍ରନ୍ଥରୁ ମୋ' ପାଖକୁ ଉଦ୍ଧାର କରାହୋଇ ଆସି ନ ଥିଲା । ଅହିଂସାରେ ମୋ'ର ଯେଉଁ ଅବିଚଳିତ ବିଶ୍ୱାସ ରହିଛି, ତାହା ସେଇଥିରୁ ଆସିଥିଲା । ଏହି ଅହିଂସାକୁ ସକ୍ରିୟଭାବରେ ଗ୍ରହଣ କରିଥିବା କୌଣସି ବ୍ୟକ୍ତି ସାମାଜିକ ଅନ୍ୟାୟ ବିରୋଧରେ, ତାହାକୁ ସେ ଯେଉଁଠାରେ ଦେଖୁ ପଛକେ, ପ୍ରତିବାଦ ନ କରି କଦାପି ରହି ପାରିବା ନାହିଁ । ଦୁର୍ଭାଗ୍ୟର କଥା ଯେ, ପାଶ୍ଚାତ୍ୟ ଜଗତର ସମାଜବାଦୀମାନେ ମୋ' ଜାଣିବାରେ ସମାଜବାଦୀ ନୀତିଗୁଡିକୁ ଜବରଦସ୍ତି ଆଣି ପ୍ରବର୍ତ୍ତିତ କରାଇଦେବା ନିମନ୍ତେ ହିଂସାର ଆବଶ୍ୟକତା ରହିଛି ବୋଲି ବିଶ୍ୱାସ କରିଛନ୍ତି ।

ମୁଁ ସର୍ବଦା ଏହି ମତଟିକୁ ପୋଷଣ କରି ଆସିଛି ଯେ, ସର୍ବନିମ୍ନ ଓ ସବାତଳଯାଏ ମଧ୍ୟ ଆମେ ସାମାଜିକ ନ୍ୟାୟକୁ କଦାପି ବଳପ୍ରୟୋଗ କରି ଲାଗୁ କରିଦେଇ ପାରିବା ନାହିଁ । ମୁଁ ଆହୁରି ଏପରି ମଧ୍ୟ ବିଶ୍ୱାସ କରିଛି ଯେ, ସମାଜର ନିମ୍ନତମ ଶ୍ରେଣୀ ବର୍ତ୍ତମାନ ଯେଉଁସବୁ ଅନ୍ୟାୟାଚାରକୁ ସହ୍ୟ କରୁଛନ୍ତି, ଯଥାର୍ଥଭାବରେ ପ୍ରଶିକ୍ଷିତ ହୋଇପାରିଲେ ସେମାନେ ସେଗୁଡିକର ଅବଶ୍ୟ ଅପନୋଦନ କରାଇ ପାରିବେ । ତାହାର ଅର୍ଥ ହେଉଛି, ଅହିଂସ ଅସହଯୋଗଦ୍ୱାରା ସେମାନେ ତାହା କରିବେ ।

ଆମ ସମାଜବାଦୀ ବନ୍ଧୁମାନଙ୍କ ଭିତରେ ଯେଉଁ ନିଃସ୍ୱାର୍ଥପରତା ଏବଂ ଆତ୍ମତ୍ୟାଗର ଭାବନା ରହିଛି, ତାହାକୁ ମୁଁ ସର୍ବଦା ସମ୍ମାନ ଦେଖାଇ ଆସିଛି ସତ, ମାତ୍ର ମୁଁ ଓ ସେମାନେ ଗ୍ରହଣ କରୁଥିବା ପ୍ରଣାଳୀଟି ମଧ୍ୟରେ ରହିଥିବା ତୀକ୍ଷ୍ଣ ପାର୍ଥକ୍ୟଟିକୁ ମୁଁ କଦାପି ଲୁଚାଇ ରଖିବାକୁ ଇଚ୍ଛା କରିନାହିଁ । ସେମାନେ ଖୋଲାଖୋଲି ଭାବରେ ହିଂସାରେ ବିଶ୍ୱାସ କରୁଛନ୍ତି, ହିଂସାର ଅନ୍ତର୍ଗତ ସବୁକିଛିରେ ବି ବିଶ୍ୱାସ କରୁଛନ୍ତି । ମୁଁ ସମ୍ପୂର୍ଣ୍ଣଭାବରେ ଅହିଂସା ଉପରେ ବିଶ୍ୱାସ କରୁଛି ।

ମୋ'ର ସମାଜବାଦ 'ସବା ଶେଷ ମନୁଷ୍ୟର ଉଦୟ'କୁ ବୁଝାଉଛି । ଅନ୍ଧ, ବଧିର ଏବଂ ମୂକମାନଙ୍କର ପାଉଁଶ ଉପରେ ନିଜେ ବଡ଼ ହୋଇ ଦିଶିବାକୁ ମୁଁ ଆଦୌ ଇଚ୍ଛା କରୁନାହିଁ । ସେମାନଙ୍କର ସମାଜବାଦରେ ସମ୍ଭବତଃ ଏମାନଙ୍କ ଲାଗି କୌଣସି ସ୍ଥାନ ନାହିଁ । ସେମାନେ କେବଳ ଭୌତିକ ଅଗ୍ରଗତିକୁ ହିଁ ଏକମାତ୍ର ଲକ୍ଷ୍ୟ କରି ଧରିଛନ୍ତି ।

ଉଦାହରଣସ୍ୱରୂପ, ଆମେରିକା ତା'ର ପତ୍ୟେକ ନାଗରିକଙ୍କ ପାଖରେ ଗୋଟିଏ ମୋଟରଗାଡି ରହୁ ବୋଲି ଲକ୍ଷ୍ୟ ରଖୁଛି । ସେପରି କୌଣସି ଲକ୍ଷ୍ୟ ନାହିଁ । ମୁଁ ମୋ ବ୍ୟକ୍ତିତ୍ୱର ପୂର୍ଣ୍ଣ ଅଭିବ୍ୟକ୍ତି ହେବାର ସ୍ୱାଧୀନତା କାମନା କରୁଛି । ମୁଁ ଇଚ୍ଛା କଲେ ସୁଦୂର ନକ୍ଷତ୍ରଲୋକକୁ ମଧ୍ୟ ସିଡ଼ି ପକାଇବାର ସ୍ୱାଧୀନତା ମୋ'ର ଅବଶ୍ୟ ରହିବା ଉଚିତ । ତାହାର ଅର୍ଥ ନୁହେଁ ଯେ ମୁଁ ପ୍ରକୃତରେ ସେହି କଥା କରିବାକୁ ଇଚ୍ଛା କରୁଛି । ଅନ୍ୟ ମାର୍କାର ସମାଜବାଦରେ ସେପରି କୌଣସି ସ୍ୱାଧୀନତା ନାହିଁ । ସେଥିରେ ତୁମର ସମ୍ପତ୍ତି ବୋଲି କିଛି ନାହିଁ, ତୁମ ନିଜ ଶରୀରକୁ ମଧ୍ୟ ତୁମ ସମ୍ପତ୍ତି ବୋଲି ସ୍ୱୀକାର କରାଯାଉ ନାହିଁ ।

ଗ୍ରୀନ୍ ଟି'ରେ ସ୍ମରଣ ଶକ୍ତି ବୃଦ୍ଧି

ମଣିଷଙ୍କ ଠାରେ ଧୀରେ ଧୀରେ ସ୍ମରଣ ଶକ୍ତି ହ୍ରାସ ପାଉଥିବା ଦେଖାଯାଉଛି । ଇଣ୍ଟରନେଟ୍ ଉପରେ ନିର୍ଭର କରୁଥିବାରୁ ଏପରି ସମସ୍ୟା ହେଉଥିବା ବୈଜ୍ଞାନିକମାନେ ପ୍ରକାଶ କରୁଛନ୍ତି । ସ୍ମରଣ ଶକ୍ତି ବୃଦ୍ଧି କରିବା ପାଇଁ ଗବେଷକମାନେ ଗ୍ରୀନ୍ ଟି ପିଇବା ପାଇଁ କହିଛନ୍ତି । କାରଣ ଗ୍ରୀନ୍ ଟିରେ ଥିବା ରସାୟନ ଆପଣଙ୍କ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଏକ ଗବେଷଣାରୁ ଏହା ଜଣାପଡିଛି । ଚୀନ୍‌ର ଥର୍ଡ ମିଲିଟାରୀ ମେଡିକାଲ୍ ୟୁନିଭର୍ସିଟିର ଗବେଷକମାନେ କହିଛନ୍ତି ଯେ, ଗ୍ରୀନ୍ ଟି'ରେ ଥିବା ରସାୟନ ମସ୍ତିଷ୍କର କୋଷିକାକୁ ସକ୍ରିୟ କରି ସ୍ମରଣ ଶକ୍ତି ବୃଦ୍ଧି କରିଥାଏ ଏବଂ ଶିଖିବାର ଦକ୍ଷତା ଅଧିକ ସକ୍ରିୟ କରିଥାଏ । ଦୀର୍ଘଦିନ ଧରି ଗ୍ରୀନ୍ ଟି ପିଇଲେ, ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି । ପ୍ରଫେସର ୟୁନ୍ ବାଇ କହିଛନ୍ତି ଯେ, ଗ୍ରୀନ୍ ଟି' ହୃଦରୋଗ ଦୂର କରିବାରେ ସହାୟକ ହୋଇଥାଏ ।

ସ୍ୱର୍ବେଦ

ବ୍ୟକ୍ତ ଅଓ୍ୱର ଅବ୍ୟକ୍ତ ହୈଁ,
ସଦ୍‌ଗୁରୁ ଦୋୟ ସ୍ୱରୂପ ।
ଅନୁଭଓ୍ୱ ଗତି ଅବ୍ୟକ୍ତ ହୈଁ,
ଅନ୍ତର ଶବ୍ଦ ଅନୂପ ।।୨୦।।

ଭାଷ୍ୟ - ବ୍ୟକ୍ତ ଆଉ ଅବ୍ୟକ୍ତ ସଦ୍‌ଗୁରୁଙ୍କର ଦୁଇ ସ୍ୱରୂପ । ବ୍ୟକ୍ତ ବାହ୍ୟ ସ୍ୱରୂପ ହୋଇଥିବା ବେଳେ ଅନୁଭବ ଦ୍ୱାରା ଶବ୍ଦସ୍ୱରୂପଙ୍କର ଦର୍ଶନ ପ୍ରାପ୍ତ ହେବା ଅବ୍ୟକ୍ତ ଅଟେ । ଅବ୍ୟକ୍ତସ୍ୱରୂପର ପ୍ରାପ୍ତି ନିମନ୍ତେ ହିଁ ବ୍ୟକ୍ତସ୍ୱରୂପ ସଦେହରେ ସଦ୍‌ଗୁରୁଙ୍କର ଉପାସନା ହୋଇଥାଏ । ଶରୀର ମଧ୍ୟରେ ଶବ୍ଦାନନ୍ଦର ଯେଉଁ ସ୍ରୋତ ପ୍ରବାହିତ ହେଉଅଛି, ସେହି ପ୍ରବାହକୁ ନିଜର ଚେତନ ଶକ୍ତିରେ ସମ୍ବନ୍ଧିତ କରିବା ନିମନ୍ତେ ସଦ୍‌ଗୁରୁଙ୍କର ଉପାସନା ହୋଇଥାଏ । ସଦ୍‌ଗୁରୁଙ୍କର ନିକଟରେ ବିଶେଷ ଶକ୍ତି ଥାଏ ଯାହା ପବିତ୍ର ଆତ୍ମାକୁ ନିଜର ମୌଳିକ ଚେତନ ଆକର୍ଷଣରେ ଅନ୍ତର ଭିତରେ ପ୍ରବେଶ କରାଇ, ତାକୁ ଉର୍ଦ୍ଧ୍ୱମୁଖୀ କରିଦିଏ । ସେଥିପାଇଁ ସଦ୍‌ଗୁରୁଦେବଙ୍କର ମହିମା ମହତି ଅଟେ । ତାଙ୍କ ମହିମାକୁ ସୁଷୁମ୍ନନ ପ୍ରବାହୀ ସହଜ ଯୋଗାଭ୍ୟାସୀ ଉର୍ଦ୍ଧ୍ୱମୁଖୀ ସନ୍ଥ ଜାଣନ୍ତି । ସଂସାରୀ ଜୀବମାନଙ୍କୁ ସଦ୍‌ଗୁରୁ ରହସ୍ୟ ବିଷୟରେ କଣ ଜଣା ?

ଅଣ୍ଡ ମଣ୍ଡଳାକାର ହୈଁ, ବ୍ୟାପକ
ଓ୍ୱିଶ୍ୱ ମହାନ ।
ସୋ ସଦ୍‌ଗୁରୁ କା ରୂପ ହୈ,
ଅନୁଭଓ୍ୱ ମେଁ ପହିଚାନ ।।୨୧।।

ଭାଷ୍ୟ - ଚେତନ ସମାଧି ମଣ୍ଡଳାକାର ପରଂବ୍ରହ୍ମ ସମସ୍ତ ବିଶ୍ୱରେ ବ୍ୟପାକ ଅଟନ୍ତି । ତାହା ସଦ୍‌ଗୁରୁଙ୍କର ଅବ୍ୟକ୍ତ ସ୍ୱରୂପ ଅଟେ, ତାକୁ ସାଧନ ଭେଦ ଦ୍ୱାରା ପ୍ରତ୍ୟକ୍ଷ ଅନୁଭବ କରି ଚିହ୍ନନ୍ତୁ । ଯୋଗ ସମାଧି ଦ୍ୱାରା ସଦ୍‌ଗୁରୁଙ୍କର ଅବ୍ୟକ୍ତ ସ୍ୱରୂପର ସାକ୍ଷାତ୍‌କାର ହୋଇଥାଏ ।

ଗୁରୁ କହଁ ନର ସମ ଜାନତେ,
ଓ୍ୱେ ପାମର ଜିଓ୍ୱ ଅନ୍ଧ ।



ଜନମ ମରଣ ଚକ୍କର ସହୈଁ,
କାଲ କର୍ମ ଜଡ଼ ବନ୍ଧ ।।୨୨।।

ଭାଷ୍ୟ - ଜ୍ଞାନହୀନ, ଅଧମ ଜୀବ ଗୁରୁଙ୍କୁ ସାଧାରଣ ମନୁଷ୍ୟ ବୋଲି ମନେକରେ । ସେ ନିଜର ଅଜ୍ଞାନତା ବଶତଃ କାଳଚକ୍ର ଦ୍ୱାରା ପ୍ରକୃତିର ବନ୍ଧନରେ ପଡ଼ି ବାରମ୍ବାର ଜନ୍ମ ମରଣ ଚକ୍ରର ଦୁଃଖକୁ ପ୍ରାପ୍ତ ହୁଏ ।

ପରମ ଦେଓ୍ୱ ଗୁରୁ ଦେଖିୟେ,
ପରମ ଦେଓ୍ୱ କର ଭାଓ୍ୱ ।
ମନମଥ ଭ୍ରମ କୁତର୍କନା, ଗତି
ଅନନ୍ୟ ଉର ଭାଓ୍ୱ ।।୨୩।।

ଭାଷ୍ୟ - ସଦ୍‌ଗୁରୁଦେବଙ୍କୁ ମହାନ ଦେବ ରୂପରେ ଦେଖିବା ଉଚିତ ଓ ସେହି ପ୍ରକାରର ଭାବ ତାଙ୍କ ପଦବୀରେ ହେବା ଉଚିତ । ମନର ଭ୍ରମ କୁତର୍କଣାରେ ନ ପଡ଼ି ତାଙ୍କ ପ୍ରତି ହୃଦୟରେ ଅନନ୍ୟ ଭାବ ରଖିବା ଉଚିତ ।

ଜହଁ ହମ ହୈଁ ତହଁ ଗୁରୁ ନହୀଁ,
ଅବ ଗୁରୁ ହୈଁ ହମ ନାହିଁ ।
ପ୍ରେମ ଗଲୀ ଅତି ସାଁକରୀ, ତା
ମହଁ ଦୋ ନ ସମାହିଁ ।।୨୪।।

ଭାଷ୍ୟ - ଯେଉଁଠାରେ ଅଭିମାନର ମହତ୍ତ୍ୱ ଅଛି ସେହିଠାରେ ସଦ୍‌ଗୁରୁ ନ ଥାନ୍ତି ଓ ଯେଉଁଠାରେ ସଦ୍‌ଗୁରୁ ଅଛନ୍ତି, ସେହିଠାରେ ନିଜର ଅଭିମାନ ନାହିଁ । ପ୍ରେମର ଏତିମି ସୂକ୍ଷ୍ମ ମାର୍ଗ ଅଛି, ଯେଉଁଥିରେ ଅଭିମାନ ଓ ଗୁରୁ ଉଭୟେ ଏକତ୍ର ରହିପାରିବେ ନାହିଁ । ଅଭିମାନରେ ଆଧ୍ୟାତ୍ମିକ ଜୀବନର ଉତ୍ଥାନ ହୋଇ ପାରିବ ନାହିଁ, ନିରାଭିମାନୀ, ସରଳ ଓ ସ୍ନେହଯୁକ୍ତ ଜୀବନ ହିଁ ଆଧ୍ୟାତ୍ମ ପଥର ଉଚ୍ଚ ଲକ୍ଷ୍ୟକୁ ପ୍ରାପ୍ତ କରିବାରେ ସମର୍ଥ ହୋଇଥାଏ ।

ଗୁରୁ ସାନ ମେଁ ସାନ ହୈ, ଗୁରୁ
ମାନ ମେଁ ମାନ ।
ଗୁରୁ ଜ୍ଞାନ ମେଁ ଜ୍ଞାନ ହୈ, ସୁଯଶ
କରୋ ଗୁରୁ ମାନ ।।୨୫।।

ଭାଷ୍ୟ - ଗୁରୁଙ୍କର ପ୍ରତିଷ୍ଠାରେ ହିଁ ଶିଷ୍ୟର ପ୍ରତିଷ୍ଠା । ଗୁରୁଙ୍କର ମର୍ଯ୍ୟାଦାରେ ହିଁ ନିଜର ମର୍ଯ୍ୟାଦା ନିହିତ ଅଛି ତଥା ଗୁରୁଙ୍କର ଜ୍ଞାନରେ ହିଁ ନିଜର ଜ୍ଞାନ ଅଛି । ସେଥିପାଇଁ ଗୁରୁଙ୍କର ଗୁଣଗାନ କରି ନିଜ ଜୀବନକୁ ସଫଳ କରନ୍ତୁ ।

ଆପା ଆପ ମିଟାୟ କର, ଗୁରୁ
କର ସୁୟଶ ଓ୍ୱଖାନ ।
ଆରତ ଦୀନ ଅଧୀନ ହୈ, ଚରଣ
କମଲ ଚିତ୍ତ ଆନ ।।୨୬।।

ଭାଷ୍ୟ - ନିଜ ଭିତରେ ଥିବା ଅଭିମାନକୁ ନଷ୍ଟ କରିଦେଇ, ଗୁରୁଙ୍କର ସୁଯଶ ଗାନ କରନ୍ତୁ ଆଉ ଆର୍ତ୍ତ, ଦୀନ ତଥା ଅଧୀନ ହୋଇ ସେହି ଅନନ୍ୟ ଗୁରୁଙ୍କର ଚରଣ କମଳରେ ଚିତ୍ତକୁ ଲଗାଇ ଦିଅନ୍ତୁ ।

ଅସ୍ତୀ ଆପ ମିଟାୟ କର, ସଦ୍‌ଗୁରୁ
ଚରଣନ ଲାଗ ।
ଅହଁ ଭାଓ୍ୱ ଗୁରୁ ସେ କିୟେ, ହ
ତଓ୍ୱ ବଡ଼ା ଅଭାଗ ।।୨୭।।

ଭାଷ୍ୟ - ନିଜର ଅଭିମାନ ଏବଂ ମମତ୍ୱକୁ ନଷ୍ଟ କରି ଏକମାତ୍ର ସଦ୍‌ଗୁରୁଙ୍କର ଚରଣରେ ନିଜର ପ୍ରେମକୁ ଅର୍ପଣ କରି ଦିଅନ୍ତୁ । ଯଦି ଗୁରୁଙ୍କ ସହିତ ଅହଂ ଭାବ କରିବେ, ତେବେ ଆପଣ ଦୁର୍ଭାଗ୍ୟ ଭୋଗ କରିବେ ।

ଶିଷ୍ୟ ଶ୍ୱାନ ଗୁରୁଦେଓ୍ୱ କା, ଦୁର
ଦୁର ତୂ ତୂ ଭାଓ୍ୱ ।
ମୃତକ ବନୋ ମନ ମାରି କର,
ଶୁଦ୍ଧ ହଁସ ଗତି ପାଓ୍ୱ ।।୨୮।।

ଭାଷ୍ୟ - ବ୍ରହ୍ମବିଦ୍ୟାର ଅଧିକାରୀ ସଦ୍‌ଗୁରୁ ଶରଣାଗତ ହୋଇ, ଯେତେବେଳେ ଆଧ୍ୟାତ୍ମ ତତ୍ତ୍ୱର ଉପଦେଶ ଗ୍ରହଣ କରିନିଏ, ସେତେବେଳେ ତାକୁ ଶିଷ୍ୟ ରୂପରେ ରହିବାକୁ ପଡେ । ସେହି ଶିଷ୍ୟ ଗୁରୁଦେବଙ୍କର କୁକୁର ଅଟେ, ଯାହା ନିକଟରେ କୌଣସି ପ୍ରକାରର ଅଭିମାନ ଅଥବା ମାନ ରହେନାହିଁ । ତା ଭିତରେ ଦୂର ଦୂର, ତୁ ତୁ ଭାବ ରହିଥାଏ । ଯେଉଁ ପ୍ରକାର କୁକୁରର ସ୍ୱାମୀ ବା ମାଲିକ ତାକୁ ପାଖକୁ ଡାକିବା ଅଥବା ଦୂରକୁ ଘଉଡ଼ାଇବା ପାଇଁ ଦୂର ଦୂର, ତୁ ତୁ ଶବ୍ଦ କରି ଡାକିଥାଏ ଅବା ଦୂରକୁ ଘାଉଡ଼ାଇ ଦେଇଥାଏ, ସେହି ପ୍ରକାର ଭାବ ଶିଷ୍ୟ ଭିତରେ ଦେଖାଦେଲେ ମନର ସମସ୍ତ ଅଭିମାନ ନଷ୍ଟ ହୋଇଯାଏ । ସେଥିପାଇଁ ସେ ନିଜର ମନକୁ ମାରିଦେଇ ମୃତକ ହୋଇଯାଏ, ତେବେ ସେହି ଜୀବନ୍ମୃତକ ପବିତ୍ର ଆତ୍ମାରେ ଚେତନ ଗତିକୁ ପ୍ରାପ୍ତ ହୋଇଥାଏ । ମନରେ ଅଭିମାନ ଥିଲେ ପବିତ୍ର ଜ୍ଞାନ ପ୍ରାପ୍ତ ହୁଏ ନାହିଁ । ଅଭିମାନ ଜୀବନର ପତନର କାରଣ ଅଟେ । ସୁତରାଂ ନିରାଭିମାନୀ ହୋଇ ସଦ୍‌ଗୁରୁ ଶରଣରେ ରହି ମହାପ୍ରଭୁଙ୍କର ଉପାସନା କରନ୍ତୁ ।

ଗୁରୁ ମହିମା କୋ କହି ସକେ,
ଥକିତ ଶାରଦା ଶେଷ ।
ଜିନ ଜାନା ତିନ ପାଇୟା,
ସଦ୍‌ଗୁରୁ ଚରଣ ଅଶେଷ ।।୨୯।।

ଭାଷ୍ୟ - ଗୁରୁ ମହିମା ବଖାଣିବାରେ ବାଣୀ ଶେଷରେ ଅସମର୍ଥ ହୋଇ ଥକିଯାଏ । ଯେଉଁମାନ ସଦ୍‌ଗୁରୁଙ୍କର ଚରଣକୁ ପୂର୍ଣ୍ଣ ସ୍ନେହ କଲେ, ସେମାନେ ହିଁ ତାଙ୍କର ମହିମା ଜାଣି ପୂର୍ଣ୍ଣ ପରମପଦକୁ ପ୍ରାପ୍ତ ହେଲେ ।

ଅନନ୍ୟ ଭାଓ୍ୱ ଗୁରୁ ଶରଣ ମେଁ,
ଅରୁ ଆସ୍ତିକ୍ୟ ଓ୍ୱିଚାର ।
ଅଜ୍ଞା ମେଁ ଜୀଓ୍ୱନ ଚଲେ, ଖୁଲ
ସୁଖ ସେନ୍ଧୁ ଦୁଓ୍ୱାର ।।୩୦।।

ଭାଷ୍ୟ - ସଦ୍‌ଗୁରୁ ଶରଣରେ ଅନନ୍ୟଭାବ ଆଉ ତାଙ୍କର ପଦରେ ଜ୍ଞାନ ସହିତ ପୂର୍ଣ୍ଣ ବିଶ୍ୱାସ ରଖି ତାଙ୍କରି ଆଜ୍ଞାରେ ଜୀବନ ଚଲାଇଲେ ପରମ ସୁଖର ଦ୍ୱାରା ଖୋଲିଯାଏ । ସଦ୍‌ଗୁରୁଙ୍କ ଦ୍ୱାରା ହିଁ ଉତ୍କୃଷ୍ଟ ପ୍ରକାଶର ଦ୍ୱାର ପ୍ରାପ୍ତି ହୋଇଥାଏ ।

ଆତ୍ମବିଶ୍ୱାସ..... ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ତାହା ହିମାଳୟ ପରି ଅଟଳ, ଅବିଚଳ ଓ ଅପରାଜେୟ ରହିଥାଏ । ସୀତା ମାତାଙ୍କ ଅନ୍ୱେଷଣରେ ଯେତେବେଳେ ସମସ୍ତେ ସାହସ ହରାଇ ବସିଥିଲେ ଓ ନିରାଶ ହୋଇଯାଇଥିଲେ, ସେତେବେଳେ ଜାମ୍ବବାନ୍ ହନୁମାନଙ୍କ ଆତ୍ମବିଶ୍ୱାସକୁ ଜାଗ୍ରତ କରାଇ କହିଥିଲେ- 'ତୁମେ ଏଇ ସମୁଦ୍ରକୁ ଲଂଘି ପାରିବ ।'' ଆତ୍ମବିଶ୍ୱାସ ଜାଗି ଉଠିବା ମାତ୍ରେ ହନୁମାନ ସମୁଦ୍ରକୁ ଖେଳିବା ପରି ପାର କରିଗଲେ । ଏହା ପ୍ରତ୍ୟେକ ବ୍ୟକ୍ତିର କାହାଣୀ ।

ସୁପ୍ତାବସ୍ଥାରେ ପଡ଼ିଥିବା ଆତ୍ମବିଶ୍ୱାସ ପରିସ୍ଥିତିଗୁଡ଼ିକର ଆଘାତ ମଧ୍ୟରେ ଜାଗ୍ରତ ହୋଇ ଚେତନାକୁ ପ୍ରାପ୍ତ ହୋଇଥାଏ, ଯାହା ସାହାଯ୍ୟରେ ସେ କିଛି ବି କରିପାରେ । ବସ୍ତୁତଃ ସଂସାରର ସମରାଙ୍ଗଣରେ, ଜୀବନ ସଂଘର୍ଷ ମଧ୍ୟରେ ସେହି ବ୍ୟକ୍ତି ସ୍ଥିର ରହିପାରେ, ଯାବତୀୟ ବାଧାକୁ ଚିରି ଆଗକୁ ବଢ଼ିପାରେ, ଯାହା ମଧ୍ୟରେ ଅଦମ୍ୟ ବିଶ୍ୱାସ ଥାଏ ତଥା ଈଶ୍ୱରୀୟ ନ୍ୟାୟ ବିଧାନ ଉପରେ ଅଟଳ ଆସ୍ଥା ଥାଏ । ପ୍ରତ୍ୟେକ ସଫଳତାର ଯାତ୍ରାର ଶୁଭାରମ୍ଭ ନିଜ ଉପରେ ବିଶ୍ୱାସର ସହିତ କରିବାକୁ ହୋଇଥାଏ, କିନ୍ତୁ ଏଠାରେ ବିଶ୍ୱାସ ଓ ଅହଂକାର ମଧ୍ୟରେ ଥିବା ଭେଦକୁ ବୁଝିବା ମଧ୍ୟ ଆବଶ୍ୟକ ।

ସ୍ୱାମୀ ରାମତୀର୍ଥଙ୍କ ଶବ୍ଦରେ ବିଶ୍ୱାସ ରାମ ଓ ରାବଣ ମଧ୍ୟ । ଆତ୍ମନିଷ୍ଠା ଉପରେ କେନ୍ଦ୍ରିତ ବିଶ୍ୱାସ ରାମ, ତ ଅହଂକାର ଉପରେ ଆଧାରିତ ବିଶ୍ୱାସ ରାବଣ । ମହର୍ଷି ବଶିଷ୍ଠଙ୍କ ଅନୁସାରେ ବିଶ୍ୱାସ କୁଳରାଣୀ ହେଲେ ଅହଂକାର ବଜାରୀ ବେଶ୍ୟା । ଜଣେ ସ୍ତ୍ରୀ ସେବା କରି ପରମାର୍ଥର ଜୀବନଯାପନ କରିଥାଏ, ତ ଅନ୍ୟ ଜଣେ ନିଜେ ବୁଡ଼ିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ବି ସାଙ୍ଗରେ ନେଇ ବୁଡ଼ାଇ ଦେଇଥାଏ । ଅହଂକାର ପ୍ରେରିତ ବିଶ୍ୱାସ ବିନାଶ, ଶୋଷଣ, ପୀଡ଼ା, ନିର୍ଦ୍ଦୟତାର କାରଣ ହୋଇଥାଏ । ପଶ୍ଚିମ ସନ୍ଦର୍ଭରେ ହିଟଲର, ମୁସୋଲିନୀ, ଆଲେକ୍‌ଜାଣ୍ଡାରଙ୍କ ଭଳି ସ୍ୱେଚ୍ଛାଚାରୀ ଏବଂ ଭାରତରେ ରାବଣ, ହିରଣାକ୍ଷ, କଂସ ଭଳି ଦୈତ୍ୟଙ୍କ ମଧ୍ୟରେ ବିଶ୍ୱାସ କମ୍ ନ ଥିଲା, କିନ୍ତୁ ତାହା ଅହଂକାର ଉପରେ ଆଧାରିତ ଥିଲା । ଏଣୁ ସେମାନେ ନିଜ ସହିତ ନିଜ ସମୁଦାୟର ମଧ୍ୟ ବିନାଶର କାରଣ ହେଲେ । ଆମେ ଏ ପ୍ରକାର ଅହଂକାର ପରିବର୍ତ୍ତେ ଆତ୍ମନିଷ୍ଠା ଉପରେ ଆଧାରିତ ବିଶ୍ୱାସ ଜାଗ୍ରତ କରିବାକୁ ହେବ, ନିଜ ଗୁରୁଙ୍କ ଇଚ୍ଛା ଓ ଈଶ୍ୱରଙ୍କ ଆଦେଶ ଅନୁରୂପ ଲୋକସେବା ଏବଂ ଜନକଲ୍ୟାଣ ନିମିତ୍ତ ନିଜ କ୍ଷମତାଗୁଡ଼ିକର ଉପଯୋଗ କରିବାକୁ ହେବ ତଥା ଈଶ୍ୱରଙ୍କର ଏହି ସୃଷ୍ଟିକୁ ସୁନ୍ଦର ଓ ସମୁନ୍ନତ କରାଇବାରେ ନିଜର ଭାବଭରା ଯୋଗଦାନ ଦେବାକୁ ହେବ । ଏଥିରେ ଜୀବନର ସଫଳତା ଓ ସାର୍ଥକତାର ମର୍ମ ଲୁଚି ରହିଛି ।

ଏନିମିୟା ଦୂର କରେ ଚଣା-ଗୁଡ଼

ଏଭଳି ଅନେକ ରୋଗ ଅଛି ଯାହା ଘରୋଇ ଚିକିତ୍ସା ଦ୍ୱାରା ଭଲ ହୋଇ ପାରିବ । ସେହିଭଳି ରୋଗ ମଧ୍ୟରେ ଏନିମିୟା ଗୋଟିଏ । ଶରୀରରେ ହିମୋଗ୍ଲୋବିନ୍‌ର ପରିମାଣ କମ୍ ହେଲେ ଏନିମିୟା ରୋଗ ହୋଇଥାଏ । ମହିଳାଙ୍କ ଶରୀରରେ ଆଇରନର ପରିମାଣ କମ୍ ରହୁଥିବାରୁ ଏହି ରୋଗ ଅଧିକ ଦେଖାଯାଏ । ଯାହାଦ୍ୱାରା ସେମାନେ ବହୁତ ଶୀଘ୍ର ଥକି ଯିବା ସହ ଦୁର୍ବଳତା ଅନୁଭବ କରନ୍ତି । ତେଣୁ ଏହି ରୋଗରେ ପୀଡିତ ମହିଳାଙ୍କୁ ଆଇରନଯୁକ୍ତ ଖାଦ୍ୟ ଖାଇବାକୁ କୁହାଯାଏ । ଯାହାଦ୍ୱାରା ହିମୋଗ୍ଲୋବିନର ସ୍ତର ସଠିକ୍ ରହିଥାଏ । ତେବେ ସାଧାରଣତଃ ଏହି ଦୁଇଟିକୁ ମିଶାଇ ଖାଇଲେ ଅନେକ ରୋଗରୁ ମୁକ୍ତ ମିଳିଥାଏ । ଗୁଡ଼ ଓ ଚଣା ମିଶାଇ ଖାଇବା ଦ୍ୱାରା ଏନିମିୟା ରୋଗ ଭଲ ହୋଇଥାଏ । ଗୁଡ଼ ଏବଂ ଚଣା ଆଇରନରେ ଭରପୁର ଥିବାରୁ ଏନିମିୟାରୁ ବଞ୍ଚିବା ପାଇଁ ଏହା ବହୁତ ଲାଭଦାୟକ

ଅଟେ । ଗୁଡ଼ରେ ଉଚ୍ଚ ମାତ୍ରାରେ ଆଇରନ ଏବଂ ବତୁରା ହୋଇଥିବା ଚଣାରେ ଆଇରନ ସାଙ୍ଗକୁ ପ୍ରୋଟିନ ମଧ୍ୟ ରହିଥାଏ । ତେଣୁ ମହିଳାମାନେ ଏହି ଦୁଇଟି ଜିନିଷକୁ ମିଶାଇ ଖାଇଲେ ଶରୀରକୁ ଉପଯୁକ୍ତ ପରିମାଣର ପ୍ରୋଟିନ୍ ଏବଂ ଆଇରନ୍ ମିଳିଥାଏ । ଏହା ବ୍ୟତୀତ ଗୁଡ ଓ ଚଣା ମଧ୍ୟ ଶରୀରରେ ଶକ୍ତି ବଢ଼ାଇଥାଏ । ଏଥିରେ ଆଇରନ ପରିମାଣ ଅଧିକ ଥିବାରୁ ଶରୀରରୁ ଏକ ଉର୍ଜ୍ଜା ବାହାରେ ଯାହା ଶରୀରରୁ ଥକ୍କାପଣ ଦୂର କରିଥାଏ ଏବଂ ଶକ୍ତି ଯୋଗାଇଥାଏ । ମାତ୍ର ଏହାକୁ ଅଧିକ ପରିମାଣରେ ନଖାଇ ନିୟନ୍ତ୍ରଣ ମାତ୍ରାରେ ଖାଇବା ଉଚିତ ।

ଟିକିଏ ହସନ୍ତୁ

ଶାଶୁ: ବୋହୂ, ଆଜି ଭେଣ୍ଡି ତରକାରି ହେବ, କିଚେନ୍‌ରେ ଭେଣ୍ଡି ଥୁଆ ହୋଇଛି, ଯା' ତାକୁ ଧୋଇକି ଶୁଖା କରିଦେ ।
ବୋହୂ: ହଉ ମା ।
ଶାଶୁ : ଭେଣ୍ଡି ତରକାରି ହୋଇଗଲାଣି କି ।
ବୋହୂ : ନା ।
ଶାଶୁ: ବୋହୂ, ଭେଣ୍ଡି କୁଆଡ଼େ ଗଲା ?
ବୋହୂ: ଭେଣ୍ଡି ଛାତ ଉପରେ ଶୁଖାଇ ଦେଇଛି ।
ଶାଶୁ: ହେ ଭଗବାନ । (ଛାତ ଉପରକୁ ଦୌଡିଲେ ଭେଣ୍ଡି ଆଣିବାକୁ । ହେଲେ ଭେଣ୍ଡି ସବୁ ତାରରେ କ୍ଲିପ୍ ମାରି ଶୁଖା ହୋଇଥିଲା ।।

× × × × ×

ଶାଶୁ ବିଲରେ ଚା ପାଇଁ ସବୁ ରେଡି କରୁଥିଲେ ।
ଏତିକି ବେଳେ ବୋହୂ ଆସି ପହଞ୍ଚିଲା ।
ଶାଶୁ କହିଲେ– ମୁଁ ଚା'ରେ ପତି, ଅମୁଲ ସବୁ ପକାଇ ଦେଇଛି ତୁ ଖାଲି ଚିନି ପକାଇ ଦେବୁ ।
ବୋହୂ: ହଉ ମା' ।
ଶାଶୁ ଦୂରରୁ କହିଲେ – ହଳଦିଆ ବ୍ୟାଗରେ ଚିନି ଅଛି ତାକୁ ପକାଇ ଦେବୁ ।
ବୋହୂ: ହଉ ମା' ।
ଶାଶୁ : ଚା'ରେ ଚିନି ପକାଇଲୁ ଟି ?
ବୋହୂ: ହଁ ।
ଶାଶୁ: ମୋତେ ତ କାଇଁ ଜମା ଲାଗୁନି ।
ବୋହୂ: ଆପଣ ତ କହିଥିଲେ ହଳଦିଆ ବ୍ୟାଗରୁ ଚିନି ପକାଇବୁ, ମୁଁ ସେଇଥିରୁ ଚିନି ପକାଇଛି ।
ଶାଶୁ : ଅନାଇଲା ବେଳକୁ ବୋହୂ ସାର ପକାଇ ଦେଇଛି ଚା'ରେ ।

× × × × ×

ଜଣେ ଭାଇ ଦୌଡ଼ିଆସି କହିଲା–ଭାଇ ତୁମେ ଏଠି ମଶାରି ଟାଙ୍ଗି ଶୋଇଛ ସିଆଡେ ପୋଲିସ ଆମ ଦୁହିଁଙ୍କୁ ଖୋଜୁଛି !
ଦ୍ୱିତୀୟ ଭାଇ: ଆରେ,କ ।ଇଁ ଚିନ୍ତା କରୁଛୁ, ଆ ଭିତରକୁ ମଶା ପଶି ପାରୁନି ହେଲେ ପୋଲିସ କେମିତି ପଶିବ !

× × × × ×

ଦୁଇଟି ମୂଷା ବାଇକ୍‌ରେ ଯାଉଥିଲେ । ଏହି ସମୟରେ ସିଂହ ଆସି ତାଙ୍କୁ ଲିଫ୍ଟ ମାଗିଲା । ମୂଷା ଦୁଇଟି କହିଲେ ଟିକେ ଭାବିକି ଦେଖ, ପରେ ତୁମ ମା' ନ ହେଲେ କହିବେ ଯେ ଗୁଣ୍ଡାମାନଙ୍କ ସହିତ ବୁଲୁଛୁ ବୋଲି ।

× × × × ×

ଥରେ ରାଜୁ ପାହାଡ଼ ଉପରେ ବସି ପାରାଚ୍ୟୁଟ୍ ବିକ୍ରି କରୁଥିଲା । ଜଣେ ଗ୍ରାହକ ଆସି ପଚାରିଲେ ଆରେ ଭାଇ ପାରାଚ୍ୟୁଟ୍ ଖୋଲିବ ତ ? ରାଜୁ ଯଦି ନ ଖୋଲିଲା ତେବେ ଆପଣଙ୍କର ସବୁ ଟଙ୍କା ଫେରାଇଦେବି ।

ପିଜୁଳିର ଉପକାରିତା

ଆମ ବାଡ଼ିବଗିଚାରେ ଏବଂ ବଜାରରେ ବହୁଳ ପରିମାଣରେ ପିଜୁଳି ମିଳିଥାଏ । ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ପିଜୁଳି ଖାଇବାକୁ ଭଲ ପାଇଥାନ୍ତି । କିନ୍ତୁ ପିଜୁଳିରେ ଭିଟାମିନ୍ ସି, ଲାଇକୋପେନି ଏବଂ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର ମାତ୍ରାରେ ରହିଛି । ତେବେ ପିଜୁଳିରେ ବହୁ ମାତ୍ରାରେ ଫାଇବର ଏବଂ ଗ୍ଲାୟସେମିକ୍ ମାତ୍ରା ରହୁଥିବା କାରଣରୁ ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଉପକାରୀ । ପିଜୁଳିରେ ବହୁ ଗ୍ଲାୟସେମିକ୍ ମାତ୍ରା ରହୁଥିବାରୁ ହଠାତ୍ ଶର୍କରା ସ୍ତର ବୃଦ୍ଧି କରେ ନାହିଁ । ଏହା ବ୍ୟତୀତ ଏଥିରେ ଫାଇବର ମାତ୍ରା ରହୁଥିବାରୁ ଶର୍କରା ନିୟନ୍ତ୍ରଣାଧୀନ ରହିଥାଏ ।

➢ ପିଜୁଳିରେ ପ୍ରୋଟିନ୍, ଭିଟାମିନ୍ ଏବଂ ଫାଇବର ମାତ୍ରା ରହୁଥିବାରୁ ଏହା ଶରୀରରେ ମେଟାବାଲିଜିମ୍ ବୃଦ୍ଧି କରିବା ସହ ଶରୀରର ଓଜନ ହ୍ରାସ

କରିବାରେ ସହାୟକ ହୋଇଥାଏ । ପିଜୁଳି ଖାଇବା ଦ୍ୱାରା ପେଟ ଭରି ଯାଇଥାଏ । କିନ୍ତୁ କ୍ୟାଲୋରି ବହୁତ୍ କମ୍ ରହିଥାଏ । କଞ୍ଚା ପିଜୁଳିରେ କଦଳି, ସେଓ, କମଳା ଏବଂ ଅଙ୍ଗୁର ତୁଳନାରେ କମ୍ ଶର୍କରା ମାତ୍ରା ଥାଏ ।

➢ ପିଜୁଳିରେ ଭିଟାମିନ୍ ସି' ବହୁ ମାତ୍ରାରେ ଥାଏ । କମଳାଠାରୁ ୪ ଗୁଣ ଅଧିକ ଭିଟାମିନ୍ ସି' ରହିଛି । ଯାହାକି ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ଅର୍ଥାତ୍ ଇମ୍ୟୁନିଟ୍ ଶକ୍ତି ବୃଦ୍ଧି କରିଥାଏ । ଏଥିସହିତ ଶରୀରକୁ ବିଭିନ୍ନ ସଂକ୍ରମଣ ଏବଂ ରୋଗରୁ ରକ୍ଷା କରିଥାଏ ।

➢ ଅନ୍ୟ ଫଳ ତୁଳନାରେ ପିଜୁଳିରେ ଡାଏଟରି ଫାଇବର ଅଧିକ ମାତ୍ରାରେ ଥାଏ । ଯାହାକି ଶରୀର ଆବଶ୍ୟକ କରୁଥିବା ୧୨ ପ୍ରତିଶତ ଖାଇବାକୁ ପୁରା କରିପାରିବ । ହଜମ ଶକ୍ତି ବୃଦ୍ଧି କରିବା ଏହା କୌଣସି ରାମବାଣ ଔଷଧ ଠାରୁ ମଧ କମ୍ ନୁହେଁ । ପିଜୁଳି ମଞ୍ଜି ପେଟକୁ ସଫା କରିବାରେ ସାହାଯ୍ୟ କରିଥାଏ ।

➢ ପିଜୁଳି ପତ୍ରରେ ଆଣ୍ଟି ଇନଫ୍ଲେମେଟାରି ଏବଂ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଥାଏ । ଯାହାକି ଦାନ୍ତରେ ହୋଇଥିବା ସଂକ୍ରମଣ ଦୂର କରିବା ସହ ଜୀବାଣୁ ମାରିବାରେ ସହାୟକ ହୋଇଥାଏ । ଦାନ୍ତ ବିନ୍ଧୁଥିଲେ ପିଜୁଳି ପତ୍ର ରସ ଦାନ୍ତ ଏବଂ ମାଢ଼ିରେ ମାଲିସ୍ କଲେ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

➢ ପିଜୁଳିରେ ଭିଟାମିନ୍ ୩ ଏବଂ 'ବି-୬' ରହିଛି । ଯାହାକି ମସ୍ତିଷ୍କରେ ଭଲ ଭାବେ ରକ୍ତ ସଞ୍ଚାଳନ କରିବାରେ ସହାୟକ ହୋଇଥାଏ । ପିଜୁଳି ଖାଇଲେ ସ୍ମରଣଶକ୍ତି ବଢ଼ିଥାଏ ।

➢ ପିଜୁଳିରେ ଭିଟାମିନ୍ 'ଏ' ରହିଥାଏ । ଯାହାକି ଆଖିର ଦୃଷ୍ଟିଶକ୍ତି ପାଇଁ ଭଲ କାମ କରିଥାଏ । ପିଜୁଳି ଖାଇଲେ କେବଳ ଦୃଷ୍ଟିଶକ୍ତି ବୃଦ୍ଧିପାଇଥାଏ ତାହା ନୁହେଁ ବରଂ ମୋତିୟାବିନ୍ଦୁ ଏବଂ ଅନ୍ୟ ଚକ୍ଷୁ ରୋଗରୁ ମଧ ମୁକ୍ତି ମିଳିଥାଏ ।

କ୍ୟାନସରରୁ ରକ୍ଷା କରିବ ଚା' ପତ୍ରର ନାନୋପାର୍ଟିକିଲ୍ସ

ଚା' ପତ୍ରରୁ ପ୍ରାପ୍ତ ନାନୋପାର୍ଟିକିଲ୍ସ ଫୁସଫୁସ୍ କ୍ୟାନସର କୋଷିକାର ବିକାଶକୁ ରୋକିବାରେ ସହାୟକ ହୋଇପାରିବ । ଏଥିସହ ଏହା କ୍ୟାନସର କୋଷିକାକୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ନଷ୍ଟ ମଧ କରି ପାରିବ । ଭାରତୀୟ ଏବଂ ବ୍ରିଟିଶ୍ ବୈଜ୍ଞାନିକଙ୍କ ଏକ ଦଳ ଗବେଷଣା ମାଧମରେ ଏ ସମ୍ପର୍କରେ ଜାଣିବାକୁ ପାଇଛନ୍ତି । ଆପ୍ଲାଏଡ୍ ନାନୋ ମ୍ୟାଟରିୟଲ୍ସ ଜର୍ଣ୍ଣାଲରେ ପ୍ରକାଶିତ ଗବେଷଣା ଅନୁସାରେ, ନାନୋପାର୍ଟିକିଲ୍ସର କ୍ୱାଣ୍ଟମ୍ ଡଟସ୍ ନାମକ ତତ୍ତ୍ୱ ଏହି ବିଭବରେ ସହାୟକ ହେବ । ବ୍ରିଟେନର ସ୍ୱାନସୀ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ସୁଧାଗର ପିଚାଈମୁଥୁଙ୍କ ମତରେ ଏହି କ୍ୱାଣ୍ଟମ ଡଟ୍ସ ସକ୍ରିୟ ରୂପରେ ଫୁସଫୁସ୍ କ୍ୟାନସର କୋଷିକାର ବିକାଶ ରୋକିବାରେ ଅଦ୍ଭୁତପୂର୍ବ ଦକ୍ଷତା ବହନ କରିଛି । କ୍ୱାଣ୍ଟମ୍ ଡଟ୍ସକୁ ରାସାୟନିକ ରୂପରେ ତିଆରି କରାଯାଇଥାଏ ଯାହା ଅତ୍ୟନ୍ତ ଜଟିଳ ଏବଂ ମହଙ୍ଗା । ଏହାର ଅନେକ ଦୁଷ୍ପ୍ରଭାବ ମଧ ରହିଛି । ଗବେଷକମାନେ କାଲସିୟମ୍ ସଲଫେଟ୍ ଏବଂ ସୋଡିୟମ୍ ସଲଫାଏଡ୍ ସହ ଚା' ପତ୍ରରୁ କଢ଼ାଯାଇଥିବା ରସର ମିଶ୍ରଣକୁ କ୍ୱାଣ୍ଟମ୍ ଡଟ୍ସ ତିଆରି ପ୍ରକ୍ରିୟାରେ ବ୍ୟବହାର କରିଥିଲେ । ପରେ ଏଥିରୁ ପ୍ରାପ୍ତ ଡଟ୍ସକୁ ଫୁସଫୁସ୍ କ୍ୟାନସର କୋଷିକା ଉପରେ ବ୍ୟବହାର କରିଥିଲେ । ଦେଖାଗଲା, ଚା' ପତ୍ରରୁ ଉତ୍ପାଦିତ କ୍ୱାଣ୍ଟମ୍ ଡଟ୍ ଫୁସଫୁସ୍ କ୍ୟାନସର କୋଷିକାର ବିକାଶକୁ ରୋକିବାରେ ସଫଳ ହୋଇଥିଲା । କ୍ୟାନସର କୋଷିକାର ନାନୋପାରୋରେ ପ୍ରବେଶ କରିବା ପରେ ଏହି ଡଟ୍ସ ସେଥିରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ସଫଳତା ହାସଲ କରିଥିଲା । ଏହି ବିଧିକୁ ଅନୁଧ୍ୟାନ କରି ଏବେ ବୈଜ୍ଞାନିକମାନେ କହିଛନ୍ତି, କ୍ୟାନସର ଉପଚାର ବିକାଶ ପାଇଁ କ୍ୱାଣ୍ଟମ୍ ଡଟ୍ସ ଆଶାଜନକ ସଫଳତା ପ୍ରଦାନ କରିବ ।

ମଧୁମେହକୁ ନିୟନ୍ତ୍ରଣ କରିବ କାକୁଡ଼ି

କାକୁଡ଼ି ମଧୁମେହ ରୋଗୀଙ୍କ ପାଇଁ ଉପକାରୀ ଏକଥା ସମସ୍ତେ ଜାଣନ୍ତି । କିନ୍ତୁ ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ ନିୟମିତ କାକୁଡ଼ି ଖାଇଲେ ରକ୍ତରେ ଶର୍କରାର ମାତ୍ରା କମ୍ ହୋଇପାରିବ । ପ୍ଲାଣ୍ଟ ଫୁଟ୍ ଫର ହ୍ୟୁମାନ୍ ନ୍ୟୁଟିସନ୍' ଜର୍ଣ୍ଣାଲରେ ପ୍ରକାଶିତ ଗବେଷଣାରୁ ଜଣାପଡିଛି ଯେ 'ଟାଇପ୍-୨ ମଧୁମେହ ରୋଗୀମାନେ ନିୟମିତ କାକୁଡ଼ି ଖାଇଲେ ରକ୍ତରେ ଶର୍କରାର ମାତ୍ରା କମ୍ ହୋଇପାରିବ । ପୁଷ୍ଟିକର ପରିବାଗୁଡିକ ମଧୁମେହକୁ ନିୟନ୍ତ୍ରଣ କରିବାରେ ସହଯୋଗ କରିପାରିବ, କାରଣ ଏଥିରେ ଫାଇବରର ମାତ୍ରା ଅଧିକ ଥାଏ । ରକ୍ତରେ ଶର୍କରାସ୍ତରକୁ କମ କରିବା କ୍ଷେତ୍ରରେ ଫାଇବରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥି ସହିତ ଫାଇବର ମଧ କାର୍ବୋହାଇଡ୍ରେଟ୍ ଓ ଚିନିର ପାଚନ ପ୍ରକ୍ରିୟାକୁ ଧୀମା କରିଥାଏ । ୟୁନାଇଟେଡ ଷ୍ଟେଟ ଡିପାର୍ଟମେଣ୍ଟ ଅଫ୍ ଏଗ୍ରାକଲଚର ଅନୁସାରେ କାକୁଡ଼ିରେ ଅନୁମାନିକ



ଭାବେ ୧୦ କ୍ୟାଲୋରି ରହିଥାଏ । ଗବେଷକଙ୍କ କହିବା କଥା ହେଉଛି ପରିବା ପତ୍ର ରୋଗୀଙ୍କ ରକ୍ତରେ ଶର୍କରା ବଢ଼ାଇ ନ ଥାଏ । ବରଂ ବିନା ଚିନ୍ତାରେ ଆବଶ୍ୟକ ଥିବା ବିଭିନ୍ନ ଉପାଦାନ ଯୋଗାଇ ଦେଇଥାଏ । ତେଣୁ ଭୋକ ଲାଗିବା ସମୟରେ ବିଭିନ୍ନ ଫାଷ୍ଟଫୁଡ୍ ଓ ଜଙ୍କଫୁଡ ଆଦି ପରିବର୍ତ୍ତେ କାକୁଡ଼ିର ସାଲାଡ୍ କିମ୍ବା ଅନ୍ୟ କୌଣସି ଉପାୟରେ କାକୁଡି ଖାଇ ପାରିବେ ।

ପ୍ରତ୍ୟେକ ଦିନ ବ୍ୟାୟାମ କରନ୍ତୁ

କୁହାଯାଏ ସୁସ୍ଥ ଶରୀରରେ ହିଁ ସୁସ୍ଥ ମନ ଓ ମସ୍ତିଷ୍କର ନିବାସ ଥାଏ । କେବଳ ପୁଷ୍ଟିକର ଖାଦ୍ୟ ସୁସ୍ଥ ଜୀବନଶୈଳୀ ପାଇଁ ଜରୁରୀ । ତାହା ନୁହେଁ, ନିୟମିତ ଭାବରେ ବ୍ୟାୟାମ କରିବା ମଧ ଜରୁରୀ । ଏକ ନୂତନ ଅଧ୍ୟୟନରୁ ଜଣାପଡିଛି ଯେ ପ୍ରତ୍ୟେକ ଦିନ କିଛି କିଛି ବ୍ୟାୟାମ ଦ୍ୱାରା ଆମର ମସ୍ତିଷ୍କ ଭଲ ଭାବରେ କାମ କରିବ । ବୈଜ୍ଞାନିକମାନଙ୍କ ଏକ ପରୀକ୍ଷା ମୂଷା ଉପରେ କରି ଏହା ଜାଣି ସାରିଛନ୍ତି ଯେ, ପ୍ରତ୍ୟେକ ଦିନ କିଛି କିଛି ବ୍ୟାୟାମ କରିବା ଦ୍ୱାରା ଏନ ଜିନ୍ ସକ୍ରିୟ ହୋଇଯାଏ ଯାହା ମସ୍ତିଷ୍କର ହିପପୋକ୍ୟାମ୍ପସ୍ ନାମକ ଅଂଶରେ ସ୍ଥିତ ନ୍ୟୁରାନ୍ସ ମଧରେ ଯୋଗସୂତ୍ରକୁ ଆହୁରି ଅଧିକ ମଜଭୁତ କରେ । ବ୍ରେନର ଏହି ଅଂଶ ସ୍ମରଣ ଶକ୍ତି ଓ ଶିଖିବା ସମ୍ବନ୍ଧୀୟ ଅଟେ । ପରୀକ୍ଷାରେ ଅନ୍ତର୍ଭୁକ୍ତ ମୂଷାକୁ ୨ ଘଣ୍ଟା ପାଇଁ ଏକ ରନିଙ୍ଗ୍ ହ୍ୱିଲ ଉପରେ ରଖାଗଲା ଓ ଏହି ସମୟରେ ଏହାର ମସ୍ତିଷ୍କର କାର୍ଯ୍ୟ ଶୈଳୀକୁ ମପାଗଲା । ତେଣୁ ପ୍ରତ୍ୟେକ ଦିନ କିଛି କିଛି ବ୍ୟାୟାମ ଦ୍ୱାରା ମସ୍ତିଷ୍କର ହିପ୍ପୋକ୍ୟାମ୍ପସ୍ ରେଜିଅନରେ ସିନେପ୍ସେସ୍‌ର ବୃଦ୍ଧି ଘଟିଥାଏ । ଏହି

ନିଷ୍କର୍ଷ ବ୍ୟାୟାମ କରିବା ସମୟରେ କ୍ରିୟାଶୀଳ କରାଯାଇଥିବା ସିଙ୍ଗଲ୍ ନ୍ୟୁରାନ୍ସରେ ହେଉଥିବା ଜିନର ବୃଦ୍ଧିର ବିଶ୍ଳେଷଣରୁ ବାହାର କରାଯାଇଛି । ଏଥିରେ ପଶୁ ଓ ମଣିଷଙ୍କ ଉପରେ କରାଯାଇଥିବା ପରୀକ୍ଷାରୁ ଜଣାପଡିଛି ଯେ, ନିୟମିତ ଭାବରେ ବ୍ୟାୟାମ କରିଲେ ଏହା ମସ୍ତିଷ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ ।

ଆପଣ ଜାଣନ୍ତି କି ?

- ଦିନ ଅପେକ୍ଷା ରାତି ସମୟରେ ମସ୍ତିଷ୍କ ଅଧିକ ସକ୍ରିୟ ଥାଏ ।
- ଜନ୍ମ ପରେ ନାକ, କାନର ଆକାର ବଢ଼ିଥାଏ, ଆଖିର ଆକାର ସ୍ଥିର ରହେ ।
- ଜିଭ ସର୍ବାଧିକ ଶକ୍ତିଶାଳୀ । ମାଂସପେଶୀ ଓ ମାଢ଼ି ଅସ୍ଥି ସବୁଠୁ ଟାଣ ।
- ପୁରୁଷ ଶରୀରର ଆନୁମାନିକ ରକ୍ତ ପରିମାଣ ୬.୮ ଲିଟର୍ ଓ ମହିଳାଙ୍କର ପାଞ୍ଚ ଲିଟର ।
- ରକ୍ତପ୍ରବାହ ହେଉ ନ ଥିବା ଏକ ମାତ୍ର ଅଙ୍ଗ ଆଖିର କର୍ନିଆ, ଏହା ବାୟୁମଣ୍ଡଳର ଅମ୍ଳଜାନ ନିଏ ।
- ପୁରୁଷଙ୍କ ତୁଳନାରେ ମହିଳାଙ୍କ ହୃଦ୍‌ସ୍ପନ୍ଦନ ଅଧିକ କ୍ଷିପ୍ର, ଆଘ୍ରାଣ ଶକ୍ତି ବି ଅଧିକ ।
- ପ୍ରତି ମିନିଟରେ ତିନି ଶହ ନିୟୁତ କୋଷ ଶରୀରରେ ସମାଧି ନିଅନ୍ତି ଏବଂ ଦିନକୁ ତିନି ଶହ କୋଟି ନୂଆ କୋଷ ଜନ୍ମ ହୁଅନ୍ତି ।
- ଶରୀରର ସମୁଦାୟ ଅସ୍ଥିର ଅଧା ରହିଛି କେବଳ ହାତ ଓ ପାଦରେ ।
- ଜୀବନକାଳ ମଧରେ ଜଣେ ମଣିଷର ଜିଭରୁ ଝରୁଥିବା ସମୁଦାୟ ଲାଳ ଦୁଇଟି ସନ୍ତରଣ କୁଣ୍ଡ ପାଇଁ ଯଥେଷ୍ଟ ।
- ଦଶ ବର୍ଷରେ ଥରେ କଙ୍କାଳର ଗଠନ ପ୍ରକ୍ରିୟାରେ ସ୍ୱତଃପରିବର୍ତ୍ତନ ଘଟେ ।
- ହୀରାକୁଦ ପୃଥିବୀର ଦୀର୍ଘତମ ଡ୍ୟାମ୍ ହୋଇଥିବା ବେଳେ ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ।

କହିପାରିବେ କି ?

(୧) ବିଜ୍ଞାନ ଦିବସ କେବେ ପାଳନ କରାଯାଇଥାଏ ?
(୨) ହିନ୍ଦୀ ଦିବସ କେବେ ପାଳନ କରାଯାଇଥାଏ ?
(୩) ରାଜୀବ ଗାନ୍ଧୀଙ୍କ ଜନ୍ମଦିବସକୁ କେଉଁ ଦିବସ ରୂପେ ପାଳନ କରାଯାଏ ?
(୪) ଭାରତରେ ସର୍ବମୋଟ ଡାକଘର ସଂଖ୍ୟା କେତେ ?
(୫) CAD ର ପୂରାନାମ କ'ଣ ?
(୬) 'Deccan educational Society' ନାମକ ସଂସ୍ଥା କିଏ ସ୍ଥାପନା କରିଥିଲେ ?
(୭) 'ଭାରତ ଭାରତୀୟମାନଙ୍କ ପାଇଁ' ନାରା କିଏ ଦେଇଥିଲେ ?
(୮) ବିନ୍ଧ୍ୟାଞ୍ଚଳ ଓ ସାତପୁରା ପାହାଡ଼ ଦେଇ କେଉଁ ନଦୀ ବହିଥାଏ ?
(୯) 'ଜୟହିନ୍ଦ'ର ନାରା କିଏ ଦେଇଥିଲା ?
(୧୦) ଦେଶବନ୍ଧୁ ଉପାଧି କାହାକୁ ଦିଆଯାଇଥିଲା ?

JUMBLE WORDS

1) EUNOC	=	6) SYKAH	=
2) VGLAE	=	7) TBRITE	=
3) YOKEND	=	8) PURTAB	=
4) DLEAPD	=	9) REUVC	=
5) NTIJO	=	10) TOHOP	=

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-

୧.ବେଞ୍ଜାମିନ୍ ଫ୍ରାଙ୍କଲିନ୍, ୨.ମଙ୍ଗଳ, ୩.ଜିରାଫ୍, ୪.ଚର୍ମ, ୫.ଜାପାନ, ୬.ତ୍ରିମୂର୍ତ୍ତି, ୭.ଗଙ୍ଗା, ୮.ମହାଦେବ, ୯.ସାରନାଥ, ୧୦. ଶେଷନାଗ ।

Jumble Words ର ଉତ୍ତର :-

(1) GRIND (2) SOCCER (3) MUTINY (4) BLINK (5) OUTDO
(6) TUNNEL (7) ORIOLE (8) WAIVE (9) ODDLY (10) WHINNY

ବହୁ ପ୍ରତୀକ୍ଷିତ ଝାରସୁଗୁଡ଼ା ମଙ୍ଗଳବଜାରରେ ସାଟେଲାଇଟ୍ ହସ୍ପିଟାଲ୍ ଉଦ୍‌ଘାଟିତ

ଝାରସୁଗୁଡ଼ା : ମଙ୍ଗଳବଜାର ସ୍ଥିତ ପୁରୁଣା ଜିଲ୍ଲା ସଦର ମହକୁମା ହାସପାତାଲ ଦୀର୍ଘ ୭ ବର୍ଷ ଧରି ବନ୍ଦ ରହିବା ପରେ ସହରବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶେଷରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ୨୫ ଶଯ୍ୟା ବିଶିଷ୍ଟ ଏହି ସାଟେଲାଇଟ ଡାକ୍ତରଖାନା ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେ, ବେଦାନ୍ତ ସିଓଓ ସୁନୀଲ ଗୁପ୍ତା ପ୍ରମୁଖଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଯାଇଛି ।

ଝାରସୁଗୁଡା ଜିଲ୍ଲା ସଦର ଡାକ୍ତରଖାନା ମଙ୍ଗଳବଜାରରୁ ବାଲିଜୁରୀ ସ୍ଥିତ ନୁଆଁ କୋଠାକୁ ସ୍ଥାନାନ୍ତର ହେବା ପରେ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିଲା । ୨୦୧୮ ମସିହା ଜାନୁଆରୀ ମାସରେ ମାଲିମୁଣ୍ଡା ସ୍ଥିତ ଡିଏଚଏଚର ନୂତନ କୋଠାକୁ ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କଲା ବେଳେ ପୁରୁଣା ଡିଏଚଏଚର କୋଠାରେ ମଧ୍ୟ ସ୍ୱାସ୍ଥ୍ୟସେବା ଜାରି ରଖିବାକୁ ଦାବି କରାଯାଇଥିଲା । ପୁରୁଣା କୋଠାରେ ସିଟି ହସ୍ପିଟାଲ ପ୍ରତିଷ୍ଠା ହେବ ବୋଲି ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ନ ଥିଲା । ଏପରିକି ତା ପରେ ପରେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିବା ସ୍ୱର୍ଗତ ନବ ଦାସଙ୍କ ଅମଳରେ ମଧ୍ୟ ମଙ୍ଗଳବଜାର ହାସ୍‌ପାତାଲ ଖୋଲି ନ ଥିଲା । ଗତ ୨୦୨୦ ମସିହାରେ ମଙ୍ଗଳବଜାରରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଦାବିରେ ବିଜେପି କର୍ମୀଙ୍କ ସହ ବିଧାୟକ ଶ୍ରୀ ତ୍ରିପାଠୀ ଆନ୍ଦୋଳନରେ ବସିଥିଲେ । ସେ ସମୟରେ କେବଳ ପ୍ରତିଶ୍ରୁତି ଛଡ଼ା ଆଉ କିଛି ମିଳି ନ ଥିଲା । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଝାରସୁଗୁଡ଼ା ମଙ୍ଗଳବଜାର ହସ୍ପିଟାଲ୍‌ରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ବିଜେପି ତାର ଇସ୍ତାହାରରେ ସାମିଲ କରିଥିଲା । ୨୦୨୪ ମସିହା ଜୁନ୍ ମାସ ୧୨ ତାରିଖ ବିଜେପି ସରକାର କ୍ଷମତାସୀନ ହେଲା । ବିଧାୟକ ଶ୍ରୀ ତ୍ରିପାଠୀ ଏହାକୁ କାର୍ଯ୍ୟକାରୀ କରିବାକୁ ଅଣ୍ଟା ଭିଡ଼ିଥିଲେ । ବିଧାନସଭା ଗୃହରେ ଏହା ଉପସ୍ଥାପନ କରିବା ସହ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରି ୨୫ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ସହ ଆମ୍ବୁଲାନ୍ସ ସେବା, ଲାବ୍ରୋଟାରୀ, ଏକ୍ସ-ରେ, ବିଶେଷଜ୍ଞ ଡାକ୍ତରଙ୍କ ସହ ଆବଶ୍ୟକ ସଂଶାଧନ ଓ ଔଷଧ ଆଦି ଉପଲବ୍ଧ ପାଇଁ ମଞ୍ଜୁରୀ କରାଇବାରେ ସକ୍ଷମ ହେଲେ । ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ମଙ୍ଗଳବଜାର ହସ୍ପିଟାଲ ଖୋଲିବା ପାଇଁ ବିରୋଧୀ ମାନେ ବହୁ ପ୍ରଶ୍ନ କରିଥିବା ବେଳେ ବିରୋଧୀଙ୍କ ବହୁ ଉପହାସ ସହିବାକୁ ପଡିଛି, କିନ୍ତୁ ତାଙ୍କର ଉପହାସ ମୋତେ ଲୋକଙ୍କ ସେବା ପାଇଁ ବଳ ଯୋଗାଇଛି । ଏହି ହସ୍ପିଟାଲ ଖୋଲିବା ଦ୍ୱାରା ଆଜି ଝାରସୁଗୁଡା ବାସୀଙ୍କ ସେବା କରିବାର କିଛି ସୁଯୋଗ ମିଳିଛି । ଏହାଛଡ଼ା ଝାରସୁଗୁଡ଼ାବାସୀଙ୍କ ସ୍ୱପ୍ନ ପୂରଣ ହୋଇଛି । ଏହି ହସ୍ପିଟାଲ୍‌ରେ ଆଗାମୀ ଦିନରେ ଶଯ୍ୟା ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି । ଏହା ସହିତ ଆଗାମୀ ଦିନରେ ଲକ୍ଷ୍ମୀ ନାରାୟଣ କଲେଜକୁ ସରକାରୀ କଲେଜରେ ପରିବର୍ତ୍ତନ କରାଯିବ ବୋଲି କହିଛନ୍ତି । ସଦ୍ୟ ଉଦ୍‌ଘାଟିତ ମଙ୍ଗଳବଜାର ହାସପାତାଲରେ ଜନଔଷଧି କେନ୍ଦ୍ର ଖୋଲିବାକୁ ବିଧାୟକ ଶ୍ରୀ ତ୍ରିପାଠୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଛନ୍ତି ।

ଝାରସୁଗୁଡ଼ା ଜିଲ୍ଲା ବିକାଶ ମେଳା-୨୦୨୫ ଉଦ୍‌ଘାଟିତ

ଝାରସୁଗୁଡ଼ା : ସ୍ଥାନୀୟ ବିଟିଏମ୍ ପଡ଼ିଆଠାରେ ବିକାଶ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି-ବିଦ୍ୟା ମନ୍ତ୍ରୀ ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ସମୃଦ୍ଧ, ବିକଶିତ ଓ ଆଧୁନିକ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ଡବଲ୍ ଇଞ୍ଜିନ୍ ସରକାରରେ ପ୍ରତିଶ୍ରୁତି ଅନୁସାରେ ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ୧୧ଟି ପୂରଣ କରାଯାଇଛି ଓ ଅବଶିଷ୍ଟ ୧୦ଟି ପ୍ରତିଶ୍ରୁତି ଶୀଘ୍ର ପୂରଣ କରାଯିବ ବୋଲି ଅତିଥିଗଣ କହିଥିଲେ । ଏ ଅବସରରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପତାକା ଦେଖାଇ ବିକାଶ ବାହନର ଶୁଭାରମ୍ଭ କରିଥିଲେ । ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ମଧ୍ୟ ଉଦ୍‌ଘାଟିତ ହୋଇଥିଲା । ୧୫ଜଣଙ୍କୁ ଅତିଥିଗଣ ଚାରି ଡେସିମିଲ ଜମି ପଟ୍ଟା ପ୍ରଦାନ କରିଥିଲେ । ପିତୃହୀନ ତଥା ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇଥିବା ୧୬ଜଣ କନ୍ୟା ସନ୍ତାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଥିବା ଆଶ୍ୱାସନା ଯୋଜନା ମାଧ୍ୟମରେ ୨ ଲକ୍ଷ ୫୨ହଜାର ଟଙ୍କାର ସହାୟତା ବଣ୍ଟନ କରିଥିଲେ । ପ୍ରବନ୍ଧ ଲିଖନ ଓ ଚିତ୍ରକଳା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ତିନି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱାଣେ, ଏସ୍.ପି ସ୍ମିଥ୍ ପି. ପାରମା ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ରହ୍ମା କୁମାରୀ ପକ୍ଷରୁ ଗ୍ରୀଷ୍ମକାଳୀନ ଶିଶୁ ଶିବିର

ସମ୍ବଲପୁର: କ୍ଷେତରାଜପୁରର ବ୍ରହ୍ମାକୁମାରୀ ରାଜ ଯୋଗ ଶିକ୍ଷାକେନ୍ଦ୍ର ପକ୍ଷରୁ ତିନିଦିନ ଧରି ଗ୍ରୀଷ୍ମକାଳୀନ ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦ ରୁ ୧୫ ବର୍ଷ ୫୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ଆବେଗିକ ବିକାଶ, ଆଧାତ୍ମିକ ଭାବ ବିନିମୟ, ମୂଲ୍ୟବୋଧ କାର୍ଯ୍ୟଶାଳା, ରାଜଯୋଗ ଓ ଯୋଗାଶନ ଇତ୍ୟାଦି ତାଲିମ ଦିଆ ଯାଇଥିଲା । ଏହାଛଡ଼ା ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା ।

ଡାଇଟିସିଆନ୍ ଡାକ୍ତର ସୁମନ ଅଗ୍ରୱାଲ ଏହି ଶିବିର ଉଦ୍‌ଘାଟନ କରିଥିବା ବେଳେ ରାଜଯୋଗ ଶିକ୍ଷୟିତ୍ରୀ ବ୍ରହ୍ମା କୁମାରୀ ଜ୍ୟୋତି, ଦୀପା, କୌଶଲ୍ୟା ଓ ମୌସୁମୀ ଏହା ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରର ଅଧ୍ୟକ୍ଷା ଶାଲୁ ଚାନ୍ଦେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଦେଇଥିଲେ ।

ବରଗଡ଼ରେ ରାଜ୍ୟସ୍ତରୀୟ ଭଗବାନ ସାହୁ ଜୟନ୍ତୀ

ବରଗଡ଼ : ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମି ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲଠାରେ ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏଥିରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ, ପୌରାଧ୍ୟକ୍ଷା କଳ୍ପନା ମାଝୀ ସମ୍ମାନିତ ଅତିଥି, ବୟୋଜ୍ୟେଷ୍ଠ କଣ୍ଠ ଶିଳ୍ପୀ ଦଧିବାମନ ଶତପଥୀ ବରେଣ୍ୟ ଅତିଥି ଓ ଡକ୍ଟର ସୁଜିତ ପୃଷ୍ଟେ ମୁଖ୍ୟବକ୍ତା ଭାବେ ଏଥିରେ ଯୋଗ ଦେଇଥିଲେ । ସଂଗଠନ ସମ୍ପାଦକ ପ୍ରଦୀପ ଦେବତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଯୁଗଳ ପ୍ରାସାଦ ସିଂହ ଗୁରୁ ଭଗବାନ ସାହୁଙ୍କ ସ୍ମୃତି ରକ୍ଷା ପାଇଁ ପୂର୍ବରୁ ସ୍ୱୀକୃତି ପାଇଥିବା କାର୍ଯ୍ୟ ଗୁଡ଼ିକ ପୂରଣ ସହିତ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ନଗରପାଳ ଶ୍ରୀମତୀ ମାଝୀ ମୁନସିପାଲଟି ପରିସରରେ ଗୁରୁ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସର୍ଦ୍ଦାର ପ୍ରୀତମ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତି ଡକ୍ଟର ତପସ୍ୱିନୀ ଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ବିବରଣୀ ପାଠ

କରିଥିଲେ । ଏହି ଅବସରରେ ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପଧାନ (ଭାଗବତିଆ), ନାଟ୍ୟକାର ଅଭିନେତା ଆଖଣ୍ଡଳ ସାହୁ, ବ୍ୟଙ୍ଗ କବି ମନୋରଞ୍ଜନ ସାହୁଙ୍କୁ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହ ଅନ୍ୟାନ୍ୟ ବହୁ ସଂଗଠନ ଏବଂ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୁରୁ ଭଗବାନ ସାହୁଙ୍କ ଉପରେ ପୂର୍ବରୁ ଆୟୋଜିତ ହୋଇଥିବା ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବରିଷ୍ଠ ସଦସ୍ୟ ରାଜକିଶୋର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ହୀରାକୁଦ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୁର୍ଣ୍ଣିମା

ସମ୍ବଲପୁର: ହୀରାକୁଦ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ବୁଲୁ ବିଶ୍ୱାଳ, ସଂପାଦକ ବାବୁଲି ପ୍ରହରାଜ, କିଶୋର ମହାକୁଡ, ବିଜୟ ରାଉତରାୟ, ରବି ପଣ୍ଡା, ସୁଶାନ୍ତ ସାହୁ, ଚିତ୍ତରଞ୍ଜନ ପଣ୍ଡା, ସନ୍ତୋଷ ଦାଶ, ଅଜିତ ପାଣ୍ଡିଆ, ବସନ୍ତ ପ୍ରଧାନ, ପ୍ରଦୀପ ସାହୁ, ଅଶୋକ ଦେବତା,

ମନୋଜ ସାହୁ, ଜି. କାର୍ତ୍ତିକ, ସନ୍ତୋଷ ସାହୁ, ଦୁର୍ବାଦଳ ଛତର ଓ ଅନିଲ ପାଣିଗ୍ରାହୀ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ହୀରାକୁଦ କୀର୍ତ୍ତନ ମଣ୍ଡଳୀ ଦ୍ୱାରା କୀର୍ତ୍ତନ ପରିବେଷଣ କରାଯାଇଥିଲା ।

କୃଷ୍ଣକେଶବ ଷଡ଼ଙ୍ଗୀ ପାଇଲେ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ'

କଟକ : ମାହାଙ୍ଗାର ଗୋକନ କେନ୍ଦ୍ରୀୟ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଭଞ୍ଜ ଜୟନ୍ତୀ ଓ ରଜ ଉତ୍ସବ ମାହାଙ୍ଗା ମହୋତ୍ସବ ୨୦୨୫ ପାଳିତ ହୋଇଯାଇଛି । ଏଥିରେ ଜାତୀୟ ମାନବାଧିକାର କମିଶନର ସଦସ୍ୟ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଯଶସ୍ୱୀ ସାରସ୍ୱତ ସାଧକ, ଭଞ୍ଜ ସାହିତ୍ୟର ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କୁ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra